୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.105 Bhubaneswar Thursday May 30 2024 | ୨୬ତମ ବର୍ଷ ସଂଖ୍ୟା-୧୦୫ ଭୁବନେଶ୍ୱର, ଗୁରୁବାର, ମଇ ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS







ସାଧାରଣ ନିର୍ବାଚନ-୨୦୨୪ ଅନ୍ତିମ ପର୍ଯ୍ୟାୟର ଶେଷ ସଭାକୁ କେନ୍ଦ୍ରାପଡ଼ାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବର୍ଦ୍ଧିତ କରିବା ଅବସରରେ

# ନନ୍ଦିଘୋଷ ଟିଭିରେ ଏକଜିଟ୍ ପୋଲ୍ ପ୍ରସାରଣ: କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ

ଭୁବନେଶ୍ୱର,୨୯।୫(ପି.ଏନ): ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରି ଓଡିଶା ବିଧାନସଭା ନିର୍ବାଚନ ଫଳାଫଳ ସଂକ୍ରାନ୍ତ 'ଏକଜିଟ୍ ପୋଲ୍ ?' ପ୍ରସାରଣ କରିବା ନନ୍ଦିଘୋଷ ଟିଭିକୁ ମହଙ୍ଗା ପଡିଛି। ନନ୍ଦିଘୋଷ ଟିଭି ଦ୍ୱାରା ଏହି ଏକଜିଟ୍ ପୋଲ ପ୍ରସାରଣ ବିରୁଦ୍ଧରେ ବିଜେପି ଆଜି ଲିଖିତ ଅଭିଯୋଗ କରିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୨୬(କ) ଅନୁସାରେ ଏକଜିଟ୍ ପୋଲ୍ ଉପରେ କଟକଣା ରହିଛି। ଚଳିତ ନିର୍ବାଚନରେ ଏପ୍ରିଲ ୧୯ ସକାଳ ୭ଟରୁ ଜୁନ୍ ୧ତାରିଖ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଓପିନିଅନ ପୋଲ ଓ ଏକଜିଟ୍ ପୋଲ୍ ପ୍ରସାରଣ ଉପରେ ନିର୍ବାଚନ କମିଶନ କଟକଣା ଜାରି କରିଛନ୍ତି। ଜନପ୍ରତିନିଧି ଆଇନ-୧୯୫୧ ଓ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଖୋଲା ଉଲ୍ଲଙ୍ଘନ କରି ଆଜି 'ନନ୍ଦିଘୋଷ ଟିଭି' ଓଡିଶା ବିଧାନସଭା ନିର୍ବାଚନ ସଂକ୍ରାନ୍ତ 'ଏକଜିଟ୍ ପୋଲ୍ ?' ପ୍ରସାରଣ କରିଥିଲା। ବିଜେପି ଏନେଇ ଆଜି ନିର୍ବାଚନ କମିଶନଙ୍କୁ ଫେରାଦ ହେବା ସହ ତୁରନ୍ତ ସମ୍ପୃକ୍ତ ଟିଭି ଚ୍ୟାନେଲ ଓ ଏହାର ମାଲିକ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ବିଜେପିର ଅଭିଯୋଗ ଆଧାରରେ ନିର୍ବାଚନ କମିଶନ ଆଜି ସନ୍ଧ୍ୟାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି 'ଏକଜିଟ୍ ପୋଲ୍' ପ୍ରସାରଣ କଲା ବିଜେଡି ସମର୍ଥିତ ଟିଭି ଚ୍ୟାନେଲ

ଭୁବନେଶ୍ୱର,୨୯।୫(ପି.ଏନ): ରାଜ୍ୟରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବା ତଥା ନିର୍ବାଚନ କମିଶନଙ୍କ କଡା ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ଆଜି ବିଜେଡି ପ୍ରାୟୋଜିତ ଏକ ଓଡିଆ ଟିଭି ଚ୍ୟାନେଲ 'ଏକଜିଟ୍ ପୋଲ୍ ?' ରିପୋର୍ଟ ପ୍ରସାରିତ କରିଛି । ଏପରିକି ଜାତୀୟସ୍ତରର ଏକ ସର୍ଭେ ? ସଂସ୍ଥାର ନାଁ'ରେ ମିଛ କହି ଉକ୍ତ 'ଏକଜିଟ୍ ପୋଲ' ରିପୋର୍ଟକୁ ସମ୍ପୃକ୍ତ ଟିଭି ଚ୍ୟାନେଲ ପ୍ରସାରିତ କରିଥିବା ଏବେ ପ୍ରମାଣିତ ହୋଇଛି । ଏପଟେ ନିର୍ବାଚନ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାରୁ ସମ୍ପୃକ୍ତ ଟିଭି ଚ୍ୟାନେଲ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେପି ।ବିଜେଡି ସମର୍ଥିତ ଏହି ଟିଭି ଚ୍ୟାନେଲ ଆଜି ଦିନ ୧ଟା ୨୧ମିନିଟରେ ଓଡିଶା ବିଧାନସଭା ନିର୍ବାଚନ ଫଳାଫଳ ସଂକ୍ରାନ୍ତ 'ଏକଜିଟ୍ ପୋଲ୍ ?' ରିପୋର୍ଟ ପ୍ରସାରଣ କରିଥିଲା । ଉକ୍ତ ରିପୋର୍ଟକୁ ଜାତୀୟସ୍ତରର ସର୍ଭେ ସଂସ୍ଥା 'ଜନ୍ କି ବାତ୍'ପ୍ରସ୍ତୁତ କରିଛି ବୋଲି ମଧ୍ୟ ଟିଭି ସ୍କ୍ରିନରେ ଉଲ୍ଲେଖ କରିଥିଲା ।

# ଆଶୀଷ ସିଂଙ୍କ ସ୍ୱାସ୍ଥ୍ୟ ଯାଂଚ ପାଇଁ ୬ଜଣିଆ କମିଟି ଗଢ଼ିଲା ଭୁବନେଶ୍ୱର ଏମସ୍ ?



ଭୁବନେଶ୍ୱର,୨୯।୫(ପି.ଏନ): ବିଜେଡି ପାଇଁ ରାଜନୀତି କରିବା ଏବେ ୨୦୧୦ ବ୍ୟାଚ୍ ଆଇପିଏସ୍ ଆଶୀଷ କୁମାର ସିଂଙ୍କୁ ମହଙ୍ଗା ପଡିଛି । ନିର୍ବାଚନ କମିଶନଙ୍କ କଡା ଆଭିମୁଖ୍ୟ ଓ ଗତକାଲିର ନିର୍ଦ୍ଦେଶ ଆଧାରରେ ଶ୍ରୀ ସିଂଙ୍କ ସ୍ୱାସ୍ଥ୍ୟ ଯାଂଚ ନିମନ୍ତେ ଭୁବନେଶ୍ୱର ଏମସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସଙ୍କ ଅଧକ୍ଷତାରେ ଆଜି ୬ଜଣିଆ କମିଟି ଗଠନ ହୋଇଛି । ଏହି ମେଡିକାଲ ବୋର୍ଡ ପାଖରେ ଆଇପିଏସ୍ ଶ୍ରୀ ସିଂ ଆସନ୍ତାକାଲି(ଗୁରୁବାର) ହାଜର ହୋଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ । ସୂଚନା ଅନୁସାରେ, ଭୁବନେଶ୍ୱର ଏମସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସଙ୍କ ଅଧକ୍ଷତାରେ ଆଜି ୬ଜଣିଆ ଡାକ୍ତରୀ ବୋର୍ଡ ଗଠନ ହୋଇଛି। ଏହି ବୋର୍ଡରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ରହିଛନ୍ତି । ସମ୍ପୃକ୍ତ ଡାକ୍ତରୀ ବୋର୍ଡ ଆଇପିଏସ୍ ଆଶୀଷ ସିଂଙ୍କ ସ୍ୱାସ୍ଥ୍ୟ ଯାଂଚ କରି ୩୧ତାରିଖ ସୁଦ୍ଧା ନିର୍ବାଚନ କମିଶନଙ୍କୁ ରିପୋର୍ଟ ପ୍ରଦାନ କରିବ । ଏହି ଯାଂଚ ରିପୋର୍ଟ ମିଳିବା ପରେ ନିର୍ବାଚନ କମିଶନ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାର ଆଶଙ୍କା ରହିଛି । ବିଜେଡି ସପକ୍ଷରେ ନିର୍ବାଚନ କାର୍ଯ୍ୟରେ ସିଧାସଳଖ ସମ୍ପୃକ୍ତି ପାଇଁ ତୃତୀୟ ମହଲାର ପ୍ରଭାବଶାଳୀ ଅଫିସର୍ ଆଇପିଏସ୍ ଡିଏସ କୁଟ୍ଟେଙ୍କୁ ନିର୍ବାଚନ କମିଶନ ନିଲମ୍ବିତ କରିବା ସହ ଦିଲ୍ଲୀ ବଦଳି କରିସାରିଛନ୍ତି ।

# ବାରିପଦାରେ ପ୍ରଧାନମନ୍ତ୍ରୀ, ଛଉ ପଡିଆରେ ବିଶାଳ ଜନସଭାକୁ ସମ୍ବୋଧନ



ଭୁବନେଶ୍ୱର,୨୯।୫(ପି.ଏନ): ବାରିପଦାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବାୟୁସେନା ସ୍ୱତନ୍ତ୍ର ବିମାନରେ ପ୍ରଧାନମନ୍ତ୍ରୀ ବାରିପଦାରେ ପହଞ୍ଚିଛନ୍ତି । ବାରିପଦା ଛଉ ପଡିଆରେ ସେ ବିଶାଳ ଜନସଭାକୁ ସମ୍ବୋଧିତ କରିବେ । ପରେ ବାଲେଶ୍ୱର ଓ କେନ୍ଦ୍ରାପଡାରେ ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟକ୍ରମ ରହିଛି । ଦେଶରେ ଲୋକସଭା ନିର୍ବାଚନର ୭ଟି ପର୍ଯ୍ୟାୟ ୬ଟି ପର୍ଯ୍ୟାୟ ଶେଷ ହୋଇଛି ଓ ଆଉ ଗୋଟିଏ ପର୍ଯ୍ୟାୟ ବାକି ରହିଛି । ଓଡିଶାରେ ଜୁନ୍ ୧ରେ କିଛି ଲୋକସଭା ଓ ବିଧାନସଭା ଆସନ ଲାଗି ଶେଷ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ୨ ଦିନ ନିର୍ବାଚନ ପ୍ରଚାର ଜାରି ରହିଥିବା ବେଳେ କେନ୍ଦ୍ର ନେତାଙ୍କ ସହିତ ବିଜେଡି ଓ କଂଗ୍ରେସ ମଧ୍ୟ ଏହାର ପ୍ରଚାର ଅଭିଯାନ ଜାରି ରଖିଛି ।

## ଜୁନ୍ ୩ରୁ ଯୁକ୍ତ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର୨୯।୫(ପି.ଏନ): ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। ଏବେ ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୩ରୁ ଯୁକ୍ତ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ କରିପାରିବେ। ନାମଲେଖା ପାଇଁ ୱେବସାଇଟ୍ www. samsodisha.gov.in ରେ ଜୁନ୍ ୧୭ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଜୁନ୍ ୧୮ରୁ ୧୯ ମଧ୍ୟରେ ସିଏଫ୍ ତ୍ରୁଟି ସୁଧାରି ପାରିବେ। ଜୁନ ୨୫ରେ ? ମେରିଟ ଲିଷ୍ଟ ପ୍ରକାଶ ପାଇବ। ଜୁନ୍ ୨୫ରୁ ୨୮ ଯାଏଁ ସ୍ଲାଇଡ/ଫ୍ରିଜ୍/ଫ୍ଲୋଟ୍ ବିକଳ୍ପ ଚୟନ କରିପାରିବେ।

# ପାରାଦୀପରେ ବିଜେଡିର ନିର୍ବାଚନୀ ସଭା ଓ ପଦଯାତ୍ରା- ବିରୋଧୀଙ୍କୁ ଅରୁଣଙ୍କ କଟାକ୍ଷ

ପାରାଦୀପ,୨୯।୫(ପି.ଏନ): ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବୁଧବାର ଦିନ ଏକ ବିରାଟ ପଦଯାତ୍ରା ପାରାଦୀପଠାରେ ଅନୁଷ୍ଠିତ ହୋଇଥିଲା । ନଗର ବିଜେଡି ସଭାପତି ତଥା ପାରାଦୀପ ନଗରପାଳ ବସ' ବିଶ୍ୱାଳଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ । ଏହି ପଦଯାତ୍ରା ବଡପଡିଆ ଥାନା ଛକ ଠାରୁ ଆରମ୍ଭ ହୋଇ ନୂଆବଜାର ପର୍ଯ୍ୟ' ଯାଇଥିଲା। ସେଠାରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ନଗର ବିଜେଡି ସଭାପତି ତଥା ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ । ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ କୁମାର ସାହୁ ଯୋଗ ଦେଇ ବିରୋଧୀଙ୍କୁ କଟାକ୍ଷ କରିଥିଲେ। ଦୀର୍ଘ ୨୪ ବର୍ଷ ଧରି ନବୀନ ପଟ୍ଟନାୟକ ସାଢେ ଚାରି କୋଟି ଓଡିଆ ଲୋକଙ୍କ ପାଇଁ କାମ କରୁଛ' । ମିଶନ ଶକ୍ତି, ବିଏସକେଓ‌ାଇ, ହରିଶ୍ଚନ୍ଦ୍ର ଯୋଜନା, ମମତା ଯୋଜନ ଭଳି ଯୋଜନାମାନ କରି ଓଡିଆ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛ' । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା ଯୋଗାଇ ଦେଉଛ' । ବିରୋଧିମାନେ କେବଳ କହିବେ ଆମେ କାମ କରିବୁ, ଓଡିଶା ପାଇଁ ସେମାନଙ୍କ ଅବଦାନ କଣ ସେମାନେ କୁହଁୁ ବୋଲି ଅରୁଣ କୁମାର ସାହୁ କହିଥିଲେ । ଏହି ସଭାରେ ପର୍ଯ୍ୟବେକ୍ଷକ ରାଜକିଶୋର ସାହୁ, ଗିରିଶ ଦାସ, ସ'୍ୋଷ ବେଜ୍, ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନୀଦୀପା ସାର୍ଖେଲ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ । ଦଳୀୟ ପ୍ରାର୍ଥୀ ଗିତାଂଜଳୀ ରାଉତରାୟ ଯୋଗ ଦେଇ ପାରାଦୀପର ବିକାଶରେ ସହଯୋଗ କରିବା ସହିତ ଆଗାମୀ ନିର୍ବାଚନରେ ତାଙ୍କୁ ଜିତାଇବା ସହ ନବୀନ ପଟ୍ଟନାୟକଙ୍କୁ ପୁର୍ନବାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେବାକୁ ଉପସ୍ଥିତ ଭୋଟରମାନଙ୍କୁ ନିବେଦନ କରିଥିଲେ । ବରିଷ୍ଠ ନେତା କୁମରବର ନାୟକ, ଉଲ୍ଲାସ କୁମାର ବିଶ୍ୱାଳ, ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର, ବିଧାୟକଙ୍କ ପାରାଦୀପ ପ୍ରତିନିଧି ରଶ୍ମିରଂଜନ ପରିଡା ଏବଂ ଦଳୀୟ ସମର୍ଥକମାନେ ବହୁ ସଂଖ୍ୟାରେ ଏହି ସଭାରେ ଯୋଗ ଦେଇଥିଲେ।

# କଟକ ବଡ ମେଡିକାଲରେ ଭର୍ତ୍ତି ହେଲେ ପ୍ରଶାନ୍ତ ଜଗଦେବ: ଜେଲରେ ଅସୁସ୍ଥ ହେଲେ ବିଜେପି ବିଧାୟକ ପ୍ରାର୍ଥୀ

କଟକ,୨୯।୫(ପି.ଏନ): ଜେଲ ଭିତରେ ଅସୁସ୍ଥ ହୋଇଛନ୍ତି ଚିଲିକା ବିଧାୟକ ପ୍ରାର୍ଥୀ । ଇଭିଏମ ଭାଙ୍ଗିବା ଘଟଣାରେ ଗିରଫ ହୋଇଥିବା ପ୍ରଶାନ୍ତ ଜଗଦେବ ଅସୁସ୍ଥ ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଜେଲରେ ଥିବା ବେଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କଟକ ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଛି । ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜେଲରୁ ଏସସିବି ଆଣି ଭର୍ତ୍ତିକ କରିଛନ୍ତି ଜେଲ୍ କର୍ମଚାରୀ ନ୍ୱର୍ତ୍ତମାନ ମେଡିସିନ୍ ୱାର୍ଡ ଆଇସିୟୁରେ ତାଙ୍କର ଚିକିତ୍ସା କରାଯାଉଥିବା ଜାଣିବାକୁ ମିଳିଛି । ସୂଚନା ଅନୁସାରେ, ଚଳିତ ନିର୍ବାଚନରେ କାଉଁରୀପାଟଣା ବୁଥ ଗଣ୍ଡଗୋଳ ମାମଲାରେ ତାଙ୍କୁ ଗିରଫ କରାଯାଇଛି । ତେବେ ଏହି ମାମଲା ଏବେ ଓଡିଶା ରାଜନୀତିକୁ ସରଗରମ କରିଥିବା ବେଳେ ବିଜେଡି ବିଜେପି ମଧ୍ୟରେ ରାଜନୀତି ଯୁଦ୍ଧ ଆହୁରି ବଢିଯାଇଛି ।

# ଜୁନ୍ ପହିଲାରେ ଶେଷ ପର୍ଯ୍ୟାୟ ମତଦାନ: ଆଉ ୨ ଦିନ ହେବ ହେଭିୱେଟ ପ୍ରଚାର

ଭୁବନେଶ୍ୱର,୨୯।୫(ପି.ଏନ): ରାଜ୍ୟରେ ୩ଟି ପର୍ଯ୍ୟାୟରେ ନିର୍ବାଚନ ଶେଷ ହୋଇଛି । ଜୁନ୍ ପହିଲାରେ ଶେଷ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତ ହେଉଛି ଓଡିଶା । ଜମୁଛି ହେଭିୱେଟ ପ୍ରଚାର । ପ୍ରତ୍ୟେକ ଦଳର ହେଭିୱେଟ ନେତାଙ୍କ ଭିତରେ ହେବ ପ୍ରଚାର ଫାଇଟ୍ । ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଆଜି ବିଜେପିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ପ୍ରଚାର ମଇଦାନକୁ ଆସୁଛନ୍ତି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ୩ଟି ଜିଲ୍ଲାରେ ଜନସଭା କରି ପ୍ରଧାନମନ୍ତ୍ରୀ ବିଜେପିର ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବେ । ତେଣୁ ଆଜି ମୟୁରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦ୍ରପଡାରେ ପଦ୍ମ ଧ୍ୱନୀ କମ୍ପନ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି । ଚତୁର୍ଥ ପର୍ଯ୍ୟାୟ ମତଦାନ ପୂର୍ବରୁ ମୋଦୀଙ୍କ ଏହି ଓଡିଶା ଗସ୍ତ ବିଜେପି ପାଇଁ ଖୁବ ସଫଳତା ଆଣିପାରେ ବୋଲି ଆଶା ରଖିଛନ୍ତି ଦଳର ନେତା ଓ କର୍ମୀ ।ଆଜି ଓଡିଶା ପୁଣିଥରେ ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ । ମିଶନ୍ '୨୪ ଓଡିଶା'କୁ ଫୋକସ୍ କରି ବିଜେପି ଗଡକୁ ଶକ୍ତି ଦେବା ପାଇଁ ମୋଦୀ ଜୋର ଲଗାଇଛନ୍ତି । ଆଜି ଭୁବନେଶ୍ୱରରେ ପହଞ୍ଚି ପ୍ରଥାମ ବାରିପଦା ଗସ୍ତ କରିବେ ଏବଂ ଅପରାହ୍ନ ୧୨ଟାରେ ଛଉ ପଡିଆରେ ସାଧାରଣ ସଭାକୁ ସମ୍ବୋଧନ କରିବେ ମୋଦୀଜୀ । ସେଠା ?ର ବାଲେଶ୍ୱର ରେମୁଣା ଗସ୍ତରେ ଯାଇ ବିଜେପି ପାଇଁ ପ୍ରଚାର କରିବେ । ଏହାପରେ ମୋଦୀଙ୍କ ଟାର୍ଗେଟରେ ରହିବ କେନ୍ଦ୍ରାପଡା । ଅପରାହ୍ନ ୪ଯାରେ କେନ୍ଦ୍ରାପଡାର ବରୁଆ ପଡିଆରେ ଚଳିତ ପର୍ଯ୍ୟାୟର ଶେଷ ଅଭିଭାଷଣ ରଖି ଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କାର୍ଯ୍ୟସୂଚୀରୁ ଜଣାଯାଇଛି । ତେବେ ମୋଦୀ-ନବୀନଙ୍କ ବନ୍ଧୁତା ସାରା ଦେଶରେ ଚର୍ଚ୍ଚା ହେଉଥିବା ବେଳେ ପ୍ରଚାର ବେଳେ ବିଜେଡି ଓ ଦଳର ସୁପ୍ରିମୋଙ୍କ ଉପରେ ଖୁବ ବର୍ଷିଛନ୍ତି ମୋଦୀ ।ସେପଟେ ରାଜ୍ୟର ଶାସକ ଦଳ ବିଜେଡି ମଧ୍ୟ ଆଜି ପ୍ରଚାର ମଇଦାନକୁ ଓହ୍ଲାଉଛି । ବିଜେଡି ସୁପ୍ରିମୋ ମଧ୍ୟ ଆଜି ପୁରୀର ନିମାପଡାରେ ରୋଡ୍ ଶୋ' ଜରିଆରେ ଭୋଟ ମାଗଣ କରିବେ । ଜନତାଙ୍କ ହୃଦୟ ଜିତିବା ପାଇଁ ରାଜରାସ୍ତାରେ ରୋଡ ଶୋ' କରି ଶକ୍ତି ପ୍ରଦର୍ଶନ କରିବ ବିଜେଡି । ତେବେ ଏଥର ଦଳରେ ପୂର୍ବତନ ଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ଅନୁପସ୍ଥିତିରେ ବିଜଡି ଏହି ରାଲି କରିବାକୁ ଯାଉଛି ।

# ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କଲେ ମୋଦି; ଜବାବ ଦେଲେ ନବୀନ

ଭୁବନେଶ୍ୱର,୨୯।୫(ପି.ଏନ):ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥା କେମିତି ଅଛି ? ଏହାକୁ ନେଇ ନାନା ଚର୍ଚ୍ଚା ପରେ ଆଜି ଚିନ୍ତା ପ୍ରକଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଜେପି ସରକାର ଆସିଲେ ସ୍ପ ?ଶାଲ କମିଟି ଗଠନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଚାନକ କେମିତି ଖରାପ ହେଲା, ତାହାର ଯାଞ୍ଚ କରାଯିବ। ଆଉ ସତକଥା ଲୋକଙ୍କ ସାମ୍ନାକୁ ଅଣାଯିବ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବୟାନ୍ ? ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ସମ୍ମିଳନୀ କରି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, ମୁଁ ପୂରା ଫିଟ୍ ଅଛି ।ଶେଷ ପର୍ଯ୍ୟାୟ ନିର୍ବାଚନ ପ୍ରଚାର କରିବାକୁ ଓଡିଶା ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବାରିପଦା, ବାଲେଶ୍ୱର ପରେ କେନ୍ଦ୍ରାପଡାରେ ଆୟୋଜିତ ବିଜୟ ସଙ୍କଳ୍ପ ଯାତ୍ରାରେ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୋଦି। ସାଧାରଣ ଜନତାଙ୍କୁ ଉଦ୍ ?ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏବେ ନବୀନ ବାବୁଙ୍କ ଶୁଭଚିନ୍ତକ ବହୁତ ଚିନ୍ତାରେ ଅଛନ୍ତି। ଗତ ବର୍ଷକ ଭିତରେ ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ଏତେ ଖରାପ କେମିତି ହେଲା ? ନବୀନବାବୁ ଏବେ ନିଜେ କିଛି କରିପାରୁନାହାନ୍ତି ବୋଲି ପାଖ ଲୋକ କହୁଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟ ଖରାପ ପଛରେ କିଛି ଷଡଯନ୍ତ୍ର ଅଛି କି ? ଏହା ଜାଣିବାର ଅଧିକାର ସାରା ଓଡିଶା ଲୋକଙ୍କର ଅଛି। ନବୀନଙ୍କ ନାଁରେ କ୍ଷମତା ଉପଭୋଗ କରୁଥିବା ଲୋକର ହାତ ଅଛି କି ? ଏହି ଆଶଙ୍କାକୁ ନେଇ ବିଜେପି ବହୁତ ଚିନ୍ତିତ ଅଛି। ଏହା ଉପରୁ ପରଦା ହଟିବାର ଆବଶ୍ୟକତା ରହିଛି। ବିଜେପି ସରକାର ଆସିଲେ ସ୍ପେଶାଲ କମିଟି ଗଠନ କରାଯିବ। ଅଚାନକ କେମିତି ତାଙ୍କ ସ୍ୱାସ୍ଥ୍ୟ ଖରାପ ହେଲା, ତାହାର ଯାଞ୍ଚ କରାଯିବ। ଯାଞ୍ଚ କରାଯାଇ ସବୁ ସତକଥା ଲୋକଙ୍କ ସାମ୍ନାକୁ ଅଣାଯିବ ବୋଲି ମୋଦି କହିଛନ୍ତି।



# ଉପଦ୍ରବ କରୁଥିବା ମାଙ୍କଡ଼କୁ ଧରିଲା ବନ ବିଭାଗ

ଭୁବନେଶ୍ୱର,୨୯।୫(ପି.ଏନ) : କଟକ ଜିଲ୍ଲା ମାହାଙ୍ଗା ବ୍ଲକ, ସାଲେପୁର ବ୍ଲକ ଓ ନୂଆବଜାର ବ୍ଲକ ଅ□ଳରେ ଦିନକୁ ଦିନ ମାଙ୍କଡ଼ଙ୍କ ଉତ୍ପାତ ବଢ଼ିଚାଲିଥିବାରୁ ସାଧାରଣ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ବାଡ଼ି ବଗିଚାରେ ଲାଗିଥିବା ପନିପରିବା, ଫୁଲଗଛକୁ ଖାଇ ନଷ୍ଟଭ୍ରଷ୍ଟ କରୁଥିବାର ଲକ୍ଷ୍ୟ କରାଯାଇଛି । ଏପରିକି ମାଙ୍କଡ଼ ଦଳ ଘରେ ପଶି ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି । ଏ ସମ୍ପର୍କରେ ଖବର ପାଇ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଜଙ୍ଗଲ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କଟକ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ଏବଂ ଡି.ଏଫ୍.ଓ. କଟକଙ୍କୁ ଅବଗତ କରିଥିଲେ । ଖବର ପାଇ ବଇରୀ ରେଞ୍ଜ ଜଙ୍ଗଲ ବିଭାଗ ଫରେଷ୍ଟର ମାନିକା ମୁଣ୍ଡା, ଫରେଷ୍ଟଗାର୍ଡ ରଶ୍ମିରଞ୍ଜନ ପଣ୍ଡା, ଶିବ ଶଙ୍କର ନାୟକ, ପର୍ଶୁରାମ ଗୋଛାୟତ, ହରେକୃଷ୍ଣ ବିଶ୍ୱାଳ ଓ ଚନ୍ଦ୍ରଶେଖର ସ୍ୱାଇଁ ପ୍ରମୁଖ ୬ ଜଣିଆ ଏକ ଟିମ୍ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁମୁଡା ଜୟପୁରଠାରେ ପହ□ ଘର ଭିତରେ ଉତ୍ପାତ କରୁଥିବା ଗୋଟିଏ ମାଙ୍କଡ଼କୁ ଜାଲ ବିଛାଇ ଧରିଥିଲେ । ଏହି ମାଙ୍କଡ଼ଟି କୁମୁଡା ଜୟପୁର ଅ□ଳର ସତ୍ୟଭାମା ଦାସ ନାମକ ଜଣେ ମହିଳାଙ୍କୁ କାନପାଖରେ ଆମ୍ପୁଡି ବିଦାରି ଦେଇଥିଲା । କେବଳ କଟକ ଜିଲ୍ଲା ନୁହେଁ ଅନ୍ୟ ଅ□ଳରେ ମାଙ୍କଡ଼ମାନେ ଘର ବାଡ଼ିରେ ପଶି ଉତ୍ପାତ କରୁଥିବାରୁ ବନ ବିଭାଗ ଏ ଦିଗରେ ତତ୍ପର ହେବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୁରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୩୦

# ଅନଲାଇନ ଟ୍ରେଡିଂରେ ସାଇବର ଠକ



ଯୁଧିଷ୍ଠିର ମହାରଣା

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ବନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ୍ୟ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନଲାଇନ ଟ୍ରେଡିଂକୁ ମାଧ୍ୟମ କି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତିଙ୍କ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ୍ୟ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୁଲିସ ସୂଚନା ଦେଇଛି। ଅନଲାଇନ ଟ୍ରେଡିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ୀ ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି। ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା ଜରିଆରେ ଟ୍ରେଡିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନଲାଇନ ଟ୍ରେଡିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ ନମ୍ବର ଟେଲିଗ୍ରାମ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନଲଗାଉଛି ତେବେ ଠକ ତାର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ୍ୟ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଏନେଇ ସାଇବର ଏକ୍ସପର୍ଟ କହିବା କଥା ପ୍ରଥମତଃ ଅନଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତି ବୁଝିଯିବା ଉଚିତ ଯେ କୌଣସି କମ୍ପାନୀ ଦୁଇ ଦିନରେ ଟଙ୍କା ଡବଲ କରନ୍ତି ନାହିଁ। ସବୁ କମ୍ପାନୀ ଏକ ସୀମା ଭିତରେ ଲାଭ ଦେଇଥାନ୍ତି। ଏସବୁ ବିଷୟରେ ଜ୍ଞାନ ନଥିବା ବ୍ୟକ୍ତି ଏହି ବ୍ୟବସାୟରେ ଅଭିଜ୍ଞ ଲୋକଙ୍କ ସହ ପରାମର୍ଶ କରିବା ଉଚିତ। ପ୍ରଥମରୁ ଟଙ୍କା ଉଠାଣ ସମସ୍ୟା ହେଲା ତ ଆଗକୁ ନିବେଶ କରିବା ଅନୁଚିତ। ତୁରନ୍ତ ସାଇବର କ୍ରାଇମ ସେଲରେ ଜଣାଇବା ଦରକାର। କିନ୍ତୁ ଲକ୍ଷ ଲକ୍ଷ ଟଙ୍କା ହରାଇ ସାରିବା ପରେ ଅଭିଯୋଗ ହେଉଛି। ସେତେବେଳକୁ ଠକ ସବୁ ଲୁଟି ସାରିଥାଏ ଆଉ ନିଜକୁ ଲୁଚାଇ ମଧ୍ୟ ସାରିଥାଏ। ତେଣୁ ଏଥିପ୍ରତି ସଜାଗ ରହିବା ଦରକାର। ପ୍ରଥମରୁ ସନ୍ଦେହ ହେଲେ ସାଇବର ସେଲରେ ସହଯୋଗ ନିଅନ୍ତୁ। ଆପଣଙ୍କ ଜୀବନର ମୂଲ୍ୟବାନ ପୁଞ୍ଜିକୁ କୌଣସି ସଫଳ ବ୍ୟବସାୟରେ ବିନିଯୋଗ ପୂର୍ବରୁ ଭଲ ଭାବରେ ଏ ନେଇ ସମସ୍ତ ଖବର ସଂଗ୍ରହ କରି ନୂଆ ବ୍ୟବସାୟରେ ପାଦ ଦିଅନ୍ତୁ ନଚେତ୍ ଆପଣ ସର୍ବସ୍ୱାନ୍ତ ହେବା ସହ ଅନ୍ୟମାନଙ୍କ ପାଇଁ ବିପଦର କାରଣ ଯେପରି ନହୁଅନ୍ତି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ :
୯୪୩୭୧୬୩୫୨୮

# ଜନସଂଖ୍ୟା ବୃଦ୍ଧି ଓ ଜନବିକାଶ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ଜନସଂଖ୍ୟା ୧୪୪କୋଟି ପାର ହୋଇ ୧୪୪.୧୭କୋଟିରେ ପହଁ□ିଛି। ୭୭ ବର୍ଷରେ ଦୁଇଗୁଣା ହୋଇଛି ଜନସଂଖ୍ୟା । ଜାତିସଂଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣା ପଡ଼ିଛି । ୨୦୧୧ ଜନଗଣନା ବେଳେ ଭାରତର ଜନସଂଖ୍ୟା ୧୨୧କୋଟି ରେକର୍ଡ କରାଯାଇଥିଲା । ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ୦-୧୪ବର୍ଷ ପର୍ଯ୍ୟନ୍ତ ବୟସର ଜନସଂଖ୍ୟା ୩୫କୋଟି ହୋଇଛି , ଯାହାକି ମୋଟ ଜନସଂଖ୍ୟାର ୨୪ପ୍ରତିଶତ। ସେହିଭଳି ୧୦ରୁ୧୯ ଆୟୁବର୍ଗର ଜନସଂଖ୍ୟା ୧୭ ପ୍ରତିଶତ । ମୋଟ ଜନସଂଖ୍ୟାରେ ୧୦ରୁ ୨୪ ଆୟୁବର୍ଗଙ୍କ ସଂଖ୍ୟା ୨୬ ପ୍ରତିଶତ । ୧୫ରୁ ୬୪ ଆୟୁବର୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୮ ପ୍ରତିଶତ । ସେହିଭଳି ୬୫ବର୍ଷରୁ ଅଧିକ ବୟସର ଜନସଂଖ୍ୟା ମୋଟ ଜନସଂଖ୍ୟାର ୭ ପ୍ରତିଶତ । ଦେଶର ପୁରୁଷଙ୍କର ହାରାହାରି ପରମାୟୁ ୭୧ ବର୍ଷ ହୋଇଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୭୪ ବର୍ଷ ରହିଛି । ଚଳିତବର୍ଷ ଆରମ୍ଭରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବା ବେଳେ ଏବେ ଭାରତ ସେହି ଧାରା ବଜାୟ ରଖିଥିବା ଜାତିସଂଘ ରିପୋର୍ଟରୁ ଜଣାପଡିଛି । କୌଣସି ଦେଶର ଜନସଂଖ୍ୟା ସେ ଦେଶର ପରିସମ୍ପ□ । ବା ସମ୍ପଦ କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ପରିମାଣ ଅହେତୁକ ଭାବେ ବୃଦ୍ଧି ପାଇଲେ ତାହା ସମ୍ପଦ ହେବା ପରିବ□ ପାଇଁ ବୋଝ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ୧୯୨୧ ମସିହା ପରଠାରୁ ଭାରତରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହା ଦେଶ ପାଇଁ ଶୁଭଙ୍କର ନୁହେଁ। ବିଗତ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ଜନସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ଏବେ ଜନସଂଖ୍ୟାରେ ଆମେ ବିଶ୍ୱରେ ଏକ ନମ୍ବରରେ ରହିଛୁ । ଅପରପକ୍ଷରେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଭାରତରେ ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦରାବାଦ, କଲ୍‌କାତାର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧ କୋଟି ୨୪ ଲକ୍ଷ, ୧କୋଟି ୧୦ ଲକ୍ଷ,୮୪ଲକ୍ଷ, ୬୮ଲକ୍ଷ, ୫୮ଲକ୍ଷ ରହିଛି। ସେହିପରି ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ଉ□ରପ୍ରଦେଶ ,ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ଓ ମଧ୍ୟପ୍ରଦେଶର ଜନସଂଖ୍ୟା ଯଥାକ୍ରମେ ୧୯ କୋଟି ୯୫ ଲକ୍ଷ, ୧୧କୋଟି ୨୩ ଲକ୍ଷ, ୧୦କୋଟି ୩୮ ଲକ୍ଷ, ୯କୋଟି ୧୩ ଲକ୍ଷ ଓ ୭କୋଟି ୨୫ ଲକ୍ଷ ରହିଛି । ଏଥିସହିତ ସର୍ବନିମ୍ନ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ମଧ୍ୟରେ ସିକିମ୍ ମିଜୋରାମ, ଅରୁଣାଚଳ ପ୍ରଦେଶ,ଗୋଆ, ନାଗାଲ୍ୟାଣ୍ଡର ଜନସଂଖ୍ୟା ଯଥାକ୍ରମେ ୬ ଲକ୍ଷ ୭ ହଜାର, ୧୦ ଲକ୍ଷ ୯୧ ହଜା, ୧୩ ଲକ୍ଷ ୮୨ ହଜା, ୧୪ ଲକ୍ଷ ୫୭ ହଜାର ଓ ୧୯ ଲକ୍ଷ ୮୦ହଜାର ରହିଛି । ସଂଖ୍ୟା ଦୃଷ୍ଟିରୁ ଆମେ ଆତ୍ମସନ୍ତୋଷ ଲାଭ କରିପାରୁ ମାତ୍ର ଆୟତନ ଦୃଷ୍ଟିରୁ ଆମର ସ୍ଥାନ ପଛରେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ଆମ ଦେଶ ପାଇଁ ଚିନ୍ତାର କାରଣ ହୋଇଛି । ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି ।ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ । ୧୯୫୦-୧୯୫୧ ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପ□ବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏ ସବୁ ସ□ େଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିଯୋଗର ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ବେକାରୀ ସଂଖ୍ୟା ୧୦୬ ନିୟୁତ ଥିଲା ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମି□ ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ – ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢ଼ିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ । ଫଳରେ ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି ।

ଜନସଂଖ୍ୟା ବୃଦ୍ଧି ଆମ ଦେଶର ପ୍ରଗତିର ପ୍ରଧାନ ଅନ୍ତରାୟ। ପରିବାର ନିୟୋଜନ, ନିରାପଦ ମାତୃତ୍ୱ , ଲିଙ୍ଗଗତ ସମାନତା ଓ ଜନ ସଶକ୍ତିକରଣ ଜରିଆରେ ଜନ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲେ ଏହାର ସୁଫଳ ମିଳିପାରିବ। ଏଦିଗରେ ସାମୁହିକ ଉଦ୍ୟମ ଲୋଡା। ଖାଲି ସେତିକି ନୁହେଁ ଏ ବିଶାଳ ଜନସଂଖ୍ୟାକୁ ଗୁଣାତ୍ମକ କରିବା ହେଉଛି ବଡକଥା ଜନସଂଖ୍ୟାକୁ ସାମଗ୍ରିକ ଭାବେ କୁଶଳୀ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ମୁଣ୍ଡପିଛା ଆୟକୁ ବୃଦ୍ଧି କରିବା ପାଇଁ ପ୍ରୟାସ କରିବା ସହ ମାନବ ସମ୍ବଳର ସଦ୍‌ବିନିଯୋଗ କରିବା ଜରୁରୀ ୨୦୪୭ ସୁଦ୍ଧା ଆମକୁ ବିକଶିତ ଭାରତ ଆଡକୁ ଯିବା ପାଇଁ ସ୍ୱପ୍ନ ଦେଖୁଥିବାବେଳେ ଏସବୁ ଦିଗପ୍ରତି ଦୃଷ୍ଟିଦେବାକୁ ପଡିବ । ତାହାଲେ ଯାଇ ଏ ଜନସଂଖ୍ୟା ବୃଦ୍ଧି ପ୍ରଗତିର ବାଧକ ନହୋଇ ଜନବିକାଶରେ ସହାୟକ ହେବ । ଏକଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍।

ଅବସରପ୍ରାପ୍ତ ଅଧ୍ୟାପକ,
ତି□ୋଲ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

# ହୃଦରେ ବସି ମୋତେ ରାମାଏଣ କହିଲେ...



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ବଳରାମ ଦାସ ‘ଜଗମୋହନ ରାମାୟଣ’ର ରଚୟିତା। ଏହା ଦାଣ୍ଡିବୃତ୍ତରେ ରଚିତ। ଏଣୁ ଏହାର ଅନ୍ୟନାମ ‘ଦାଣ୍ଡି ରାମାୟଣ’। ଏହା ଓଡ଼ିଆ ଭାଷାର ପ୍ରଥମ ରାମାୟଣ। ମୂଳ ସଂସ୍କୃତ ରାମାୟଣର ଅନୁସାରୀ ହୋଇଥିଲେ ହେଁ ଏହା ଏକ ସ୍ୱାଧୀନ ଅନୁବାଦ ରୂପେ ସ୍ୱୀକୃତ। କିନ୍ତୁ ବଳରାମ ଦାସ ଭକ୍ତଭାବରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏପରି ସମର୍ପିତ, ଯେ ସେ ନିଜକୁ ଏହାର କବି ବୋଲି କହି ନାହାନ୍ତି। କେବଳ ତାଙ୍କ ରଚିତ ରାମାୟଣରେ ଯେ ବଳରାମ ଦାସ ଏହା କହିଛନ୍ତି, ତାହା ନୁହେଁ। ତାଙ୍କ ନାମରେ ଭଣିତ ‘ବେଦାନ୍ତସାର ଗୁପ୍ତଗୀତା’ରେ ମଧ୍ୟ ସେ ଏହା କହିଛନ୍ତି। ପୁଣି ‘ରାମାୟଣ’ ଶ୍ରୀଜଗନ୍ନାଥଙ୍କ ନିଜ ଚରିତ ବୋଲି ମଧ୍ୟ ସେ କହିଛନ୍ତି। ତାଙ୍କର ସେହି ପଦଟି ହେଉଛି ଶ୍ରୀଜଗନ୍ନାଥ ‘କବି ହୃଦୟରେ ବିଜେ କରିଥାନ୍ତି, ଆପଣା ଚରିତ ଆପଣେ ବଖାଣନ୍ତି।’

ଏହି ‘ରାମାୟଣ’ ରଚନାର ଆଦ୍ୟରେ ବଳରାମ ଦାସ ଏହାର ରଚନାକୁ ସାର୍ଥକ କରିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି - ମୁହିଁ ବଳରାମ ଦାସ ଅଟଇ ତୋହୋର, ତୁ ଦେବ ହୃଦରେ ବସସି ମୋହୋର, ଶ୍ରୀରାମ ରୂପ ଜାନକୀପତି ମୂର୍ତ୍ତି, ସପ୍ତମ ଅବତାର ହୋଇଲେ ଶ୍ରୀପତି ।। ରାବଣର ଦର୍ପ ଧଂସିଲେ ଯେବଣ କୃତ୍ୟେ, ତାହା ମୁଂ ବିଚାର ରଚିବଇଂ ଗୀତେ ।। ଯେ ଜନ୍ମ ମୋହୋର ସାର୍ଥକ କରିବି ତୋତେ ସେବି। ଯାହା ସେ ପଖାଣ କଲା ବାଲ୍ମିକ ମହାକବି ।। ତାହା ସୁମରିଣ ଧଂସିବ ପାପରାଶି, କରସି କରୁଣା ମୋତେ ନୀଳଗିରିବାସୀ।’

ତେବେ ଏହି ‘ରାମାୟଣ’ରେ ବଳରାମ ଦାସ ଆଉ ଯେଉଁ କଥାଟି କହିଛନ୍ତି ତାହା ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ। ସେ କହିଛନ୍ତି ଏହାର କବି ସେ ନୁହଁନ୍ତି। ଏହାର କବି ସ୍ୱୟଂ ଶ୍ରୀଜଗନ୍ନାଥ। ସେ କେବଳ ଲୋଭରେ ପଡ଼ି ଏଥିରେ ତାଙ୍କ ନାମ ଦେଇ ଦେଇଛନ୍ତି। ତାଙ୍କ ‘ରାମାୟଣ’ର ସେହି ସୁପ୍ରସିଦ୍ଧ ପଦ ହେଉଛି ‘ଭାବଗ୍ରାହୀ ପ୍ରଭୁ ମୋତେ ଦୟା କଲେ, ହୃଦରେ ବସି ମୋତେ ରାମାଏଣ କହିଲେ।। ସେ ପ୍ରଭୁ କବିତ୍ୱ ଅଛଇ ଏଥିର, ଲୋଭେ ମୋହୋର ନାମ ଜଣାଇଲି ଗ୍ରନ୍ଥର।।’

ଶିଖରପୁର ଉପରସାହି,
କଟକ,ଦୂରଭାଷ :
୮୨୮୦୯୬୩୨୮୩/
୯୪୩୮୫୮୩୨୮୯,

# ହାର୍ଟ ଆଟାକ ପୂର୍ବ ସଙ୍କେତ ଓ ଉପଚାର



ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ପ୍ରବଳ ଗ୍ରୀଷ୍ମ ତାତି ଦିନକୁ ଦିନ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଆପଣଙ୍କ ହୃଦୟକୁ ଆପଣ ନିଶ୍ଚିନ୍ତ ଭଲ ପାଉଥିବେ ଆଉ ଯତ୍ନ ନେଉଥିବେ ବୋଲି ମୁଁ ଜାଣିଛି। ତେବେ ଆମ୍ଭ ମାନଙ୍କ ଭିତରେ ଦିନକୁ ଦିନ ସଚେତନତା ବଢୁଥିଲେ ମଧ୍ୟ ଅନିୟମିତ ଦିନଚର୍ଯ୍ୟା ଓ ଭୁଲ ଖାଦ୍ୟପେୟ ହିଁ ହୃଦରୋଗ ଆଶଙ୍କାକୁ ବଢ଼ାଇ ଦେଇଛି। ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ ସମସ୍ୟା ଦେଖାଦେଉଥିଲା କିନ୍ତୁ ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକର ଶିକାର ହେଉଛନ୍ତି। ହେଲେ ହାର୍ଟ ଆଟାକ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ। ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ। ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବ୍ୟତୀତ କରିବେ। ଆସନ୍ତୁ ଜାଣିବା ହାର୍ଟ ଆଟାକ ପୂର୍ବ ସଙ୍କେତ କ’ଣ ସବୁ ରହିଛି।

**ଛାତିରେ ଯନ୍ତ୍ରଣା :** ଯଦି ଆପଣଙ୍କ ଛାତିରେ ଖୁବ ଜୋରରେ ଯନ୍ତ୍ରଣା ହେଉଛି। ଶରୀର ଭାରି ଅନୁଭବ କରୁଛନ୍ତି। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ତେବେ ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟା। ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**ବ୍ଲୋଟିଂ :** ଯଦି ବିନା କାରଣରେ ଆପଣଙ୍କୁ ଅସହଜ ଲାଗୁଛି କିମ୍ବା ଅଇ ଲାଗୁଛି ତେବେ ମଧ୍ୟ ଏହା ହାର୍ଟ ଆଟାକର ସଙ୍କେତ। ଏହି ସମସ୍ୟା ସବୁ ଦେଖାଦେଲେ ଇଗ୍ନୋର କରନ୍ତୁ ନାହିଁ ସାବଧାନ ହୋଇଯାଆନ୍ତୁ।

**ପେଟ ସମ୍ବନ୍ଧୀୟ ସମସ୍ୟା :** ହୃଦ ସମ୍ବନ୍ଧୀୟ ରୋଗର ମୁଖ୍ୟ ସଙ୍କେତ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା ବଢ଼ିଯିବ। ଯଦି ଆପଣ ଖାଇସାରିବା ପରେ ବଦହଜମୀ ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ ଅସହଜ ଅନୁଭବ କରୁଛନ୍ତି ତେବେ ଏହାକ ହୃଦରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ। ଏହି ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ।

**ଗୋଡ଼ ଫୁଲିବା :** ରିପୋର୍ଟ ଅନୁସାରେ ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ। ଯେତେବେଳେ ହାର୍ଟ ଭଲ ଭାବରେ ଫଙ୍କସନ କରିପାରେ ନାହିଁ ସେତେବେଳେ ପାଦ ଫୁଲିଥାଏ।

**ଥକ୍କା ଅନୁଭବ କରିବା :** ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ ଭାବରେ ହୋଇପାରେ ନାହିଁ। ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ଯଦି ଆପଣ କୌଣସି କାମ ନକରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**କିପରି ରକ୍ଷା ପାଇବେ :** ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ ଉପରେ ଧ୍ୟାନ ଦିଅନ୍ତୁ। ସ୍ମୋକିଂ ଓ ଡ୍ରିଙ୍କିଂରୁ ଦୂରେଇ ରୁହନ୍ତୁ। କ୍ଷୀର ଚା ପିଅନ୍ତୁ ନାହିଁ, ସବୁଜ ପନିପରିବା ଖାଆନ୍ତୁ। ଗଜାବୁଟ ଓ ମୁଗ ଖାଆନ୍ତୁ ନିୟମିତ ବ୍ରିଦିଂ ଏକ୍ସରସାଇଜ କରନ୍ତୁ। ବ୍ରିକ୍ସ ୱାକ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ। ଫଳରସ ଓ ପଇଡ଼ ପାଣି ସେବନ କରନ୍ତୁ।

ଆପଣ, ଆପଣଙ୍କ ହୃଦୟ କଥା ଚିନ୍ତା କଲେ ସେ ମଧ୍ୟ ଆପଣଙ୍କ କଥା ନିଶ୍ଚିନ୍ତ ଚିନ୍ତା କରିବ। ଧାଁ ଧଉଡ଼ ଜୀବନ, ତୀବ୍ର କର୍ମବ୍ୟସ୍ତତା, ସମୟ ନିଅଣ୍ଟ ପଡୁଛି, ଫୁରସତ୍ ହିଁ ମିଳୁନି ଏପରି ଭାବନା ସବୁ ଆଦୌ ରଖନ୍ତୁ ନାହିଁ। କାରଣ ହୃଦୟର ଜଟିଳତା କିଛି ସେକେଣ୍ଡ ଭିତରେ ଅନେକ କିଛି ଅଘଟଣ ବା ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ଦେଇଥାଏ। ତେଣୁ ହୃଦୟକୁ ନେଇ ଆପଣଙ୍କର କୌଣସି ସାମାନ୍ୟତମ ସମସ୍ୟା ଦେଖାଦେଲେ ଆପଣ ତୁରନ୍ତ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ଅନେକ କ୍ଷେତ୍ରରେ ଏହାକୁ ହୃଦରୋଗ ବା ହୃଦଜନିତ ସମସ୍ୟା ନଭାବି ମାମୁଲି ଭାବରେ ଅଣଦେଖା କେହି କେହି କରିଦେଇଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ସମସ୍ୟା ସମୟରେ ଦେଶୀୟ ଚିକିତ୍ସା ବା ଟୁଣୁକାଟୁଣୁକି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ଏକ ନିରୋଗ, ସୁସ୍ଥପ୍ରଦ ଜୀବନ ପାଇଁ ଆପଣ ଏକ ଭଲ ରୁଟିନଟି ତିଆରି କରନ୍ତୁ। ହୃଦୟର ସୁରକ୍ଷା ପାଇଁ ସେପରି କିଛି ବଡ଼ ବା ଜରୁରୀ ରୁଟିନ ଦରକାର ପଡ଼ିନଥାଏ। ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ, ବିଶ୍ରାମ ନିଅନ୍ତୁ, ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ଆମିଷ ଖାଦ୍ୟ, ତଟକା ପନିପରିବା, ଫଳରସ, ଶାଗ ଏସବୁକୁ ରଖନ୍ତୁ ଆଉ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ନିଜକୁ ସବୁବେଳେ ପ୍ରଫୁଲ୍ଲିତ ରଖିବା ସହ ସକରାତ୍ମକ ଚିନ୍ତାଧାରା ଭିତରେ ନିଜକୁ ଅତିବାହିତ କରନ୍ତୁ। ପରିବାରବର୍ଗ, ଆଖପାଖର ଆତ୍ମୀୟସ୍ୱଜନ, ଅଫିସର ବନ୍ଧୁ ପରିଜନ ଏମାନଙ୍କ ସହ ଏକ ଭଲ ଭାବନାର ଚିନ୍ତନ ରଖି ସମୟ ଅତିବାହିତ କରନ୍ତୁ। ଦେଖିବେ ହୃଦୟ ଆପଣଙ୍କୁ କେବେ ଅଧା ରାସ୍ତାରେ ହାତ ଛାଡ଼ିବ ନାହିଁ। ସେ ସବୁ ଦିନ ଆପଣଙ୍କ ହାତ ଧରି ନିଶ୍ଚିନ୍ତ ଚାଲୁଥିବ....।

*ସହଯୋଗୀ ପ୍ରଫେସର,
ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ :
୯୪୩୭୨୭୭୮୬୪*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଧର୍ମଶାଳା ବ୍ଲକ୍‌ର ୧୨୨ଟି ବୁଥ୍‌ରେ ଲାଗିବ ସିସିଟିଭି କ୍ୟାମେରା

ଧର୍ମଶାଳା,୨୯।୫(ପିଏନ୍): ଆସନ୍ତା ୧ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଧର୍ମଶାଳା ବ୍ଲକ୍‌ର ୧୨୨ଟି ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା ହୋଇଛି। ଏସବୁ ବୁଥ୍‌ରେ ଅନିୟମିତତା ଆଶଙ୍କା କରି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି। ରାଇଛନ୍ଦା ପଂଚାୟତର ୧, ୨, ୧୫, ୧୬ ଓ ୧୭ ନମ୍ବର ବୁଥ୍‌ରେ ସିସିଟିଭି କ୍ୟାମେରା ଲାଗିବ । ସେହିପରି ରେଖିଦେଇପୁର ପଂଚାୟତର ୩, ୪ ନମ୍ବର ବୁଥ୍, ଏଣ୍ଡଳବା ପଂଚାୟତର ୫, ୬, ୮, ୧୦, ତାଳଜଙ୍ଗ ପଂଚାୟତର ୧୩, ୧୮, କବାଟବନ୍ଧ ପଂଚାୟତର ୧୯, ୨୦, ୨୧, ମଧୁସୂଦନପୁର ପଂଚାୟତର ୨୩, ୨୪, ୩୧, ମର୍ଜିତାପୁର ପଂଚାୟତର ୨୫, ୨୬, ୨୭, ୨୮, ୪୦, ଚକ୍ରଧରପୁର ପଂଚାୟତର ୩୨, ବୃନ୍ଦାଦେଇପୁର ପଂଚାୟତର ୩୫, ୩୬, ଜେନାପୁର ପଂଚାୟତର ୩୭, ୩୮, ୩୯, କମାଗଡ଼ ପଂଚାୟତର ୪୬, ୪୭, ଅିରା ପଂଚାୟତର ୫୩, ୫୪, ୫୫, ୫୬, ପୁରୁଣା ବଉଳମାଳ ପଂଚାୟତର ୫୯, ଗଡ଼ମଧୁପୁର ପଂଚାୟତର ୬୧, ୬୭, ୬୮, ଅଂଟିଆ ପଂଚାୟତର ୬୫, ୬୬, ମହିସରା ପଂଚାୟତର ୭୧, ୭୨, ୭୫, ସମ୍ପାରୁ ପଂଚାୟତର ୮୦, ତରିଆ ପଂଚାୟତର ୮୨, ଆରୁହା ପଂଚାୟତର ୮୫, ୮୬, ୯୧, ପାଖର ପଂଚାୟତର ୮୭, ୮୮, ଆନୁଆଳ ପଂଚାୟତର ୮୯, ୧୦୧, ହରିଦାସପୁର ପଂଚାୟତର ୯୫, ୯୬, ସୁନ୍ଦୁରିଆ ପଂଚାୟତର ୯୭, ୨୨୩, ଗଙ୍ଗାଧରପୁର ପଂଚାୟତର ୧୦୪, ୧୦୬, କୁମାରୀ ପଂଚାୟତର ୧୭୦, ୧୭୧, ୧୭୨, ୧୭୩, ଚୋରମୁହାଁ ପଂଚାୟତର ୧୭୪, ୧୭୬, ୧୮୦, ଚହଟା ପଂଚାୟତର ୧୭୭, ୧୭୮, ଭବାନୀପୁର ପଂଚାୟତର ୧୮୧, ୧୮୨, ୧୮୩, ବଡ଼କାଏମା ପଂଚାୟତର ୧୮୫, ୧୯୨, ୧୯୩, ୨୦୩, ୨୦୭, ୨୦୮, ଉତରପ୍ରତାପ ପଂଚାୟତର ୧୮୬, ୧୮୭, ୧୮୮, ୧୮୯, ୧୯୦, ୧୯୧, ଅଭୟପୁର ପଂଚାୟତର ୧୯୭, ୧୯୮, ୨୦୧, ୨୦୪, ଜାରକା ପଂଚାୟତର ୧୯୯, ୨୦୦, ମିର୍ଜାପୁର ପଂଚାୟତର ୨୧୦, ୨୧୧, ୨୪୧, ମଙ୍ଗଳପୁର ପଂଚାୟତର ୨୧୨, ୨୧୭, ୨୧୮, ଦେଓଦା ପଂଚାୟତର ୨୧୩, ୨୧୪, ୨୧୫, ନେଉଳପୁର ପଂଚାୟତର ୨୨୪, ୨୨୭, ୨୨୮, କ୍ଷେତ୍ରପାଳ ପଂଚାୟତର ୨୩୦, ୨୩୨, ୨୩୩, କ□ଗଡ଼ିଆ ପଂଚାୟତର ୨୩୫, ୨୩୬, ୨୩୭, ପଟୁଣିଆ ପଂଚାୟତର ୨୪୫, ୨୪୮, ଅରେଇକଣା ପଂଚାୟତର ୨୪୯, ୨୫୦, କୋତପୁର ପଂଚାୟତର ୨୫୩, ୨୫୪, ୨୬୦, ୨୬୧, ଅରାବଳ ପଂଚାୟତର ୨୫୫, ୨୫୬, ୨୫୯ ଓ କଦମପାଳ ପଂଚାୟତର ୨୬୨, ୨୬୩ ଓ ୨୬୪ ନମ୍ବର ବୁଥ୍‌ରେ ସିସିଟିଭି କ୍ୟାମେରା ଲାଗିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଏ ସମସ୍ତ ବୁଥ୍‌ରେ ସିସିଟିଭି କ୍ୟାମେରା ଲାଗିବା ପାଇଁ ବ୍ୟବସ୍ଥା ଅଛିକି ନାହିଁ, ଯଦି ଲାଗିଲା ଏହା କାର୍ଯ୍ୟକ୍ଷମ ହେବକି ନାହିଁ କିମ୍ବା ପୂର୍ବ ନିର୍ବାଚନ ପରି ଲୋକ ଦେଖାଣିଆ ହେବ ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ସନ୍ଦେହ ସୃଷ୍ଟି କରିଛି।

# ଧର୍ମଶାଳା ଛାତ୍ର ବିଜେଡିର ବିଶାଳ ପଦଯାତ୍ରା

ଧର୍ମଶାଳା,୨୯।୫(ପିଏନ୍): ଧର୍ମଶାଳା ବ୍ଲକ୍ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜାରକା ବଜାରରେ ଆଜି ସନ୍ଧ୍ୟାରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଶାନ୍ତିବଜାର ନିକଟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ନିର୍ବାଚନ ମଣ୍ଡଳୀ ଅଧୀନ ୫୪ ପଂଚାୟତରୁ ଆସିଥିବା ହଜାର ହଜାର ଦଳୀୟ କର୍ମୀ ସାମିଲ ହୋଇଥିଲେ। ଅଭିନେତା ସମ୍ବିତ୍ ଆଚାର୍ଯ୍ୟ ଓ ଅଭିନେତ୍ରୀ ଲିପ୍‌ସା ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ତୃତୀୟ ଥର ବିଜୟୀ କରିବାକୁ କର୍ମୀମାନେ ସ୍ଲୋଗାନ୍ ଦେଇଥିଲେ। ପଦଯାତ୍ରା ଶାନ୍ତିବଜାର ଓ ଜାରକା ବଜାର ପରିକ୍ରମା କରି ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ପହଁଚିଥିଲା। ବିଧାୟକ ଶ୍ରୀ ବଳବନ୍ତରାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୂଆ-ଓ ଯୋଜନାରେ ଛାତ୍ରୀମାନଙ୍କୁ ୧୪ହଜାର ଓ ଛାତ୍ରମାନଙ୍କୁ ୧୨ହଜାର ଟଙ୍କା ଛାତ୍ରବୃତି ଦିଆଯିବ ବୋଲି ସୂଚନା ଦିଆ ଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଶଙ୍ଖ ଚିହ୍ନରେ ୨ଥର ଭୋଟ୍ ଦେବାକୁ ବିଧାୟକ ଛାତ୍ର ସମୂହକୁ ଅନୁରୋଧ କରିଥିଲେ। ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଓ ବ୍ଲକ୍ ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ ପରିଚାଳନା କରିଥିଲେ।

# କେଲୁଅରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଧର୍ମଶାଳା,୨୯।୫(ପିଏନ୍): ଧର୍ମଶାଳା ଥାନା ମିର୍ଜାପୁର ପଂଚାୟତ ମୁଣ୍ଡମାଳ ଗ୍ରାମର ଇନିୟରିଂ ଛାତ୍ର ସୌମ୍ୟରନ ମହାନ୍ତି(୨୧) କେଲୁଅ ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗତକାଲି ସେ ଭୁବନେଶ୍ୱରରୁ ଘରକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଘର ନିକଟରେ ଥିବା କେଲୁଅ ଘାଟକୁ ଯାଇଥିଲେ। ସେଠାରେ ବସି ପାଣି ଭିତରକୁ ଗହ୍ମାରି ଫଳ ପକାଉଥିଲେ। ପାଣିରେ ଭାସି ଯାଉଥିବା ଏକ ଫଳକୁ ଅଟକାଇବାକୁ ଚେଷ୍ଟା କରୁଥିବା ସମୟରେ ଗୋଡ଼ ଖସି ଯିବାରୁ ପାଣି ଭିତରକୁ ଯାଇ ବୁଡ଼ି ଯାଇଥିଲେ। ନିକଟରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୌମ୍ୟରନ ମୁଣ୍ଡମାଳ ଗ୍ରାମର କୁନେଶ୍ୱର ମହାନ୍ତିଙ୍କ ଏକମାତ୍ର ପୁଅ। ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର,(ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଧର୍ମଶାଳା,୨୯।୫(ପିଏନ୍): ଧର୍ମଶାଳା ଥାନା ବଡ଼କାଏମା ପଂଚାୟତରେ ଜଣେ ନାବାଳିକା(୧୨)ଙ୍କୁ ଅସଦାଚରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଚିତ୍କାର କରିବାରୁ ଅଭିଯୁକ୍ତ ମୁହଁରେ ଗାମୁଛା ପକାଇ ଏକ ସାଇକଲରେ ଫେରାର୍ ହୋଇ ଯାଇଥିଲା। ଫଳରେ ତାକୁ ଚିହ୍ନଟ କରିବା ସମ୍ଭବ ହୋଇନାହିଁ। ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ମାମୁଁଙ୍କ ଘରକୁ ଆସିଥିବା ବ୍ରହ୍ମବରଦା ଅଂଚଳର ଉକ୍ତ ପୀଡ଼ିତା ଗତ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଅର୍ଦ୍ଧନିର୍ମିତ ଗାଧୁଆ ଘରେ ଗାଧୋଉ ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଗାଧୁଆ ଘରେ ହଠାତ୍ ପଶି ତାଙ୍କୁ ଅସଦାଚରଣ କରିବା ସହିତ ଦୁଷ୍କର୍ମ ଉଦ୍ୟମ କରିଥିଲା। ସେ ଚିତ୍କାର କରିବାରୁ ଅଭିଯୁକ୍ତ ଜଣକ ଚମ୍ପଟ ମାରିଥିଲା। ଏ ସଂପର୍କରେ ପୀଡ଼ିତାଙ୍କ ମାମୁଁ ଥାନାରେ ଏତଲା ଦେଇଥିଲେ। ପୁଲିସ୍ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇ ଘଟଣାର ତଦନ୍ତ କରୁଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଧର୍ମଶାଳା,୨୯।୫(ପିଏନ୍): ଧର୍ମଶାଳା ବ୍ଲକ୍ ମଙ୍ଗଳପୁର ପଂଚାୟତ ମଙ୍ଗଳପୁର(ନନ୍ଦସାହି) ଗ୍ରାମର ଦୀପ୍ତିରନ ନନ୍ଦ(୩୮)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ପାଣି ମୋଟର ଲଗାଇବା ପାଇଁ ଇଲେକ୍ଟ୍ରି ବୋର୍ଡ଼ରେ ପ୍ଲଗ୍ ଗୁେଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପ୍ତିରନଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷଷ୍ମ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




## ପ୍ରାପ୍ୟ ନ ପାଇବାରୁ ପଂଚାୟତରେ ତାଲା



ହାଟଡିହ(ପିଏନ)- କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଜମ୍ବିରା ପଂଚାୟତରେ ପ୍ରାପ୍ୟ ନ ମିଳିବାରୁ ପ୍ରବାସୀ ଶ୍ରମିକ ପଂଚାୟତରେ ତାଲା ପକାଇଛନ୍ତି । ଏଥିସହ ଶ୍ରମିକମାନେ ଧାରଣା ଦେବା ସହ ଉ□ଜନା ପ୍ରକାଶ ପାଇଥିଲା । ବାହାର ରାଜ୍ୟରେ କାମ କରୁଥିବା ଶ୍ରମିକମାନେ ପଂଚାୟତ କ୍ୱାରେ□ାଇନ୍‌ରେ ରହିଥିଲେ । କ୍ୱାରେ□ାଇନ୍ ଅବଧି ସରିବା ପରେ ସରକାରୀ ନିୟମ ଅନୁସାରେ ଦୁଇ ହଜାର ଟଙ୍କା ମିଳିବା କଥା । କିନ୍ତୁ ତାହା ଅଦ୍ୟାବଧି ମିଳିନି । ଶ୍ରମିକମାନେ ପଂଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି କୌଣସି ସୁଫଳ ମିଳି ନଥିଲା । ଶେଷରେ ପୂର୍ଣ୍ଣଚନ୍ଦ୍ର ଜେନା, ଦିଲ୍ଲିପ ଜେନା, ପ୍ରକାଶ ଜେନା, ଅନନ୍ତ ଦାସ, ପ୍ରମୋଦ ଜେନା, ରାଧାରାଣୀ ଜେନା, ଦୀପକ ଜେନା, ଅନ୍ତର୍ଯ୍ୟାମୀ ମହାଳିକ, ଯାଜ୍ଞସେନୀ ଘଡେଇ ପ୍ରମୁଖ ପ୍ରତିବାଦ କରିବା ସହ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ । ଶ୍ରମିକ ମାନଙ୍କ ପାସ୍ ବହି ଆକାଉ□ ନମ୍ବର ବ୍ଲକ କାର୍ଯ୍ୟାଳୟକୁ ଦିଆଯାଇଛି ଏବଂ ଖୁବ୍ ଶୀଘ୍ର ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ସରପଂଚ ଆଶାଲତା ସା ପ୍ରକାଶ କରିଛନ୍ତି ।

## ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ

ହାଟଡିହି(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ତରଫରୁ ଅଗଷ୍ଟ ମାସ ୨୫ତାରିଖ ଚିଠି ନଂ ୫୬୪୦ ଅନୁସାରେ ତିନୋଟି ବାଲିଘାଟ ଲିଜ୍ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥି ମଧ୍ୟରୁ ଆଇତିପୁର ପଂଚାୟତ ଅମୃତପୁର ବୈତରଣୀ ନଦୀ ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଯାହାର ଖାତା ନଂ ୧୬୨ ଏବଂ ପ୍ଲଟ୍ ନମ୍ବର ୯୮୩/୯୮୯ ଅଟେ । ମୋଟ୍ ୧୦ଜଣ ଟେଣ୍ଡରଧାରୀ ଅଂଶଗ୍ରହଣ କରିଥିଲେ । ସେପ୍ଟେମ୍ବର ୨୪ତାରିଖ ଟେଣ୍ଡର ଖୋଲା ଯାଇଥିଲା । ଆବଶ୍ୟକୀୟ ଡକ୍ୟୁମେ□ ସହ ଅଧିକ ମୂଲ୍ୟରେ ଟେଣ୍ଡର ପକାଇ ଥିବା ବ୍ୟକ୍ତିଙ୍କ ନାମ କ୍ରମାନୁସାରେ ପ୍ରକାଶ ପାଇଥିଲା । କିନ୍ତୁ ଡକ୍ୟୁମେ□ ଠିକ୍ ନଥିବା ଟେଣ୍ଡରଧାରୀଙ୍କୁ ଚୟନ କରାଯାଇଥିଲା। ଅନ୍ୟ ଜଣେ ଟେଣ୍ଡରଧାରୀ ବିଶ୍ୱଜିତ୍ ଦାସ ଅଭିଯୋଗ କରିଛନ୍ତି । ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ନିଜର ଅଭିଯୋଗ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ହାଟଡିହି ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଉଚିତ୍ ପଦକ୍ଷେପ ନିଆ ନଗଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ବିଶ୍ୱଜିତ୍ ପ୍ରକାଶ କରିଛନ୍ତି ।

## ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,(ପିଏନ)- ଓ ଡ ି ଶ । ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ୯୦ତମ ରାଜ୍ୟ ପରିଷଦ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟ ସଭାପତି ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର, ଓଡ଼ିଶା ସରକାରଙ୍କର ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ରଥ, ରାଜ୍ୟ ଗାଇଡ୍ କମିଶନର ଡଃ ଶ୍ରୀମତୀ ସିପ୍ରା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ. ବିଶ୍ୱଜିତ୍ ଘୋଷ, କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ଉପ ସଭାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ଶତପଥୀ, ରାଜ୍ୟ ସଂପାଦକ ଶ୍ରୀ ରାମମୂର୍ତ୍ତି ଦୋରା, କୋଷାଧ୍ୟକ୍ଷ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଏବଂ ପରିଷଦର ବହୁ ସଦସ୍ୟ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଦିବଂଗତ ସ୍କାଉଟ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକମିନିଟ୍ ନିରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ଦ୍ୱାରା ବର୍ଷ ବ୍ୟାପୀ ରାଜ୍ୟ ସଂଗଠନ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ କରାଯାଇଥିବା ବହୁମୁଖି କାର୍ଯ୍ୟ ସମ୍ପାଦନ ଦ୍ୱାରା ରାଜ୍ୟ ସଂଗଠନ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଉପରେ ସଭ୍ୟମାନଙ୍କୁ ଆଲୋକପାତ କରିଥିଲେ ।

## ୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

## ଗଜପତି ଜିଲ୍ଲାରେ ୨୭୯୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାକୁ ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ୧୫ ହଜାର ୮୧୯ ଜଣ ପ୍ରବାସୀ ଫେରିଛନ୍ତି । ସମ୍ପ୍ରତି ଜିଲ୍ଲାରେ ୧୨ଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟର କାର୍ଯ୍ୟ କରୁଛି । ୧୦୭ ଜଣ ବର୍ତ୍ତମାନ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହୁଛନ୍ତି । ୧୫ ହଜାର ୭୧୨ ଜଣ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହି ସାରିଛନ୍ତି ।

ସେହିପରି ୧୪ ହଜାର ୩୬୮ ଜଣ ନିଜ ନିଜର କ୍ୱାରେଂଟାଇନ ଅବଧି ଶେଷ କରିବା ପରେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ୨୫୮୮୭ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି । ୨୫୬୪୩ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ସଂଖ୍ୟା ୨୯୧୦ ରହିଛି । ୮୨ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ୧୭ ଜଣ ହୋମ୍ ଆଇସୋଲେସନରେ ରହିଛନ୍ତି । ୨୭୯୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୮ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

## ଭୁବନ ସିଏଚସିରେ ଆଜି ୬୧ ଜଣଙ୍କ ଆଂଟିଜେନ ଟେଷ୍ଟ

ଭୁବନ, (ପିଏନ) – ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୪୮୪ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ(ପଜିଟିଭ)ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ଶହରେ ପହଁଚିଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି ।

## ମାଲକାନଗିରି ଜିଲ୍ଲାରେ ଆଉ ୧୭ କରୋନା ପଜିଟିଭ୍ ଚିହ୍ନଟ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୧୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୪୯୦ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ କେୟାର ସେଂଟରରେ ଭର୍ତ୍ତି କରାଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୯ ଜଣ, ବାଲିମେଲା ଏନଏସିରୁ ଜଣେ, ମାଥିଲି ବ୍ଲକରୁ ୨ ଜଣ, ମାଲକାନଗିରି ବ୍ଲକରୁ ଜଣେ, କୋରକୁଣ୍ଡାରୁ ଜଣେ, କାଲିମେଲା ବ୍ଲକରୁ ୨ ଜଣ ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଆକ୍ରାନ୍ତ ରହିଛନ୍ତି । ଏମାନଙ୍କ ମଧ୍ୟରେ ୪ ଜଣ କରୋନା ଯୋଦ୍ଧା ରହିଛନ୍ତି । ଆଜି ଚିହ୍ନଟ ୧୭ ଆକ୍ରାନ୍ତଙ୍କ ମଧ୍ୟରୁ ୧୫ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ଦୁଇ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲ୍ଲାରେ ୨ ୧୧୦ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୩୭୩ ରହିଛି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭ ରହିଛି ।

## କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୩ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୧ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି ।

## ଜେଇଇ ଆଡଭାନ୍ସ ୨୦୨୪ରେ ଫିଟ୍‌ଜି ଭୁବନେଶ୍ୱର-କଟକ ବିଦ୍ୟାର୍ଥୀଙ୍କ ପ୍ରଦର୍ଶନ



ଭୁବନେଶ୍ୱର : ଫିଟ୍‌ଜି ଭୁବନେଶ୍ୱର ଏବଂ କଟକ ସେ□ରର ଜେଇଇ ଆଡଭାନ୍ସ ବିଦ୍ୟାର୍ଥୀ ଚଳିତ ବର୍ଷ ଭଲ ପ୍ରଦର୍ଶନ କରିଛନ୍ତି । ଫିଟଜି ସେ□ର ଓଡିଶାର ଚାରି ବର୍ଷିୟ କ୍ଲାସରୁମ ପ୍ରୋଗାମ ମଧ୍ୟରେ ଅଲ୍ ଇଣ୍ଡିଆ ର୍ୟାଙ୍କରେ ସ୍ଥିତୀପ୍ରଜ୍ଞା ସାହୁ ୩୬୫, ସୌରଭ ସୋମ୍ୟକାନ୍ତ ଦାସ ୪୧୫(ଦୁଇ ବର୍ଷିୟ କ୍ଲାସରୁମ ପ୍ରୋଗାମ), ଅଙ୍କିତ ଦେ ୫୩୨(ତିନି ବର୍ଷିୟ କ୍ଲାସରୁମ ପ୍ରୋଗାମ)ସ୍ଥାନ ଅଧିକାର କରିଛନ୍ତି । ଅନ୍ୟ କୃତି ବିଦ୍ୟାର୍ଥୀଙ୍କ ମଧ୍ୟରେ ଚାରି ବର୍ଷିୟ କ୍ଲାସରୁମ ପ୍ରୋଗାମ ମଧ୍ୟରେ ଆରୟନ ଶତପତି ୮୪୯ ଏବଂ ଦୁଇ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମ ମଧ୍ୟରେ ଜୋତିରଆଦିତ୍ୟ ମିଶ୍ର ୯୩୩ ଓ ବିବେକ ଜୟସ୍ୱାଲ୍ ୯୪୯ ର୍ୟାଙ୍କ ର୍ୟାଙ୍କ ଅଧିକାର କରିଛନ୍ତି । ନିଜ ସଫଳତା ସମ୍ବନ୍ଧରେ ସ୍ଥିତୀପ୍ରଜ୍ଞା ସାହୁ କହିଛନ୍ତି ଯେ, "ଏହି ସଫଳତା ଆମେ ଆମର ପରିବାର ବର୍ଗ, ଶିକ୍ଷକ ଓ ଫିଟ୍‌ଜିରେ ପଢା ଯାଉଥିବା ଶୈଳି ଏବଂ ମାସିକା ପରୀକ୍ଷାକୁ ବହୁତ ଧନ୍ୟବାଦ ଜଣାଇବୁ । ଫିଟ୍‌ଜି ସେ□ରରେ ଦଶମ ଶ୍ରେଣୀ ପରେ ଏନ୍‌ଟିଏସି, କେଭିପିୱାଇ, ଜେଇଇ ମେନ୍ ଓ ଜେଇଇ ଆଡଭାନ୍ସ ପରି ବହୁ ପରୀକ୍ଷାରେ ସଫଳତା ହାସଲ କରିବାକୁ ପ୍ରସ୍ତୁତ କରିଥିବାରୁ ଆମେ ବହୁତ କୃତଜ୍ଞ ।" ଏହା ସମ୍ବନ୍ଧରେ ଭୁବନେଶ୍ୱର ଫିଟଜି ସେ□ରର ମୁଖ୍ୟ ଶ୍ରୀଯୁକ୍ତ ରାଣାଜୟ ବର୍ଦ୍ଧନ ଓ ଫିଟଜି ଓଡିଶା ଅପରେସନର ପ୍ରତିନିଧି ଶ୍ରୀଯୁକ୍ତ ପି.କେ ଦାସ କହିଛନ୍ତି ଯେ, "ଫିଟଜିରେ ଆଗ୍ରହୀ ବିଦାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦ୍ୱାରା ଜେଇଇ ଭଲ ସ୍ଥାନ ଗ୍ରହଣ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଏ । ଫିଟଜି ମଧ ସର୍ବଦା ନିଜ ଛାତ୍ରଛାତ୍ରୀ ମାନ କଠିନ ପଥକୁ ଅତିକ୍ରମ ସରଳ କରିବା ଚେଷ୍ଟିତ ହୋଇଥାଏ । ଫିଟଜି ପକ୍ଷରୁ ସଫଳ ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଉଛୁ । ଫିଟଜିର ସଫଳତା ର୍ୟାଙ୍କ ଦ୍ୱାରା ମାପ ନଜାଇ ଏହାର ପ୍ରଶିକ୍ଷଣ ଦ୍ୱାରା ବ୍ୟକ୍ତ ହୋଇଥାଏ । ଆଇଆଇଟି-ଜେଇଇରେସଫଳ ବିଦ୍ୟାର୍ଥୀ ସୃଷ୍ଟି କରିପାରୁଥିବାରୁ ଫିଟଜି ଏହା ବିଶ୍ୱାସ କରିଥାଏ ଯେ ଯାତ୍ରା ହିଁ ପୁରସ୍କାର ।"

## ନୂତନ ଡାକ ନିରୀକ୍ଷକଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା



କେନ୍ଦୁଝର(ପିଏନ)- ଦୀର୍ଘଦିନ ଧରି କେନ୍ଦୁଝର ଡାକ ବିଭାଗର ଡାକ ନିରୀକ୍ଷକ ପୂର୍ବା□ଳ ପଦ ଖାଲି ପଡିଥିଲା । ଫଳରେ ପଶ୍ଚିମା□ଳ ଡାକ ନିରୀକ୍ଷକଙ୍କ ଉପରେ କାର୍ଯ୍ୟ ଭାର ବହୁତ ଅଧିକ ଥିଲା । ଏଣୁ ପୂର୍ବା□ଳ ସବ୍‌ଡିଭିଜନରେ କାର୍ଯ୍ୟ କରୁଥିବା ବାହୁ ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇ ଯାଇଥିଲା । ବିଳମ୍ବରେ ହେଲେ ମଧ ପି.ଏମ୍.ଜି. ସମ୍ବଲପୁର କେନ୍ଦୁଝର ଜିଲ୍ଲା ପୂର୍ବ□ଳ ସବ୍‌ଡିଭିଜନରେ ଡାକ ନିରୀକ୍ଷକ ପୁରସ୍ତମ ନାୟକ ତାଙ୍କର କାର୍ଯ୍ୟରେ ନୂତନ ଭାବେ ଯୋଗଦାନ କରିଛନ୍ତି । ଶ୍ରୀ ନାୟକଙ୍କ ଯୋଗଦାନ ହେତୁ ଜିଲ୍ଲା ଗ୍ରାମୀଣ ଡାକ ସେବକ ସଂଘର ସମ୍ପାଦକ ସଂଜୟ କୁମାର ପଣ୍ଡା ଓ ସାଥୀ ସହସମ୍ପାଦକ ପରମାନନ୍ଦ ଦାଶ, ଲକ୍ଷ୍ମଣ କୁମାର ମହାପାତ୍ର, ବିଦ୍ୟାଧର ସିଂହ, ମହେନ୍ଦ୍ର ମହାନ୍ତ, ଋଷିନାଥ ମହାନ୍ତ ସଂଘ କାର୍ଯ୍ୟକ□ା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶ୍ରୀ ପଣ୍ଡା ଗ୍ରାମୀଣ ଡାକ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଶ୍ରୀ ନାୟକଙ୍କୁ ଅନୁରୋଧ କରିଥିଲେ । ଗ୍ରାମା□ଳର ବିଭିନ୍ନ ଡାକଘରେ ନୂତନ ପ୍ରଯୁକ୍ତି ଯନ୍ତ୍ରପାତି କିପରି ସଠିକ୍ ବିନିଯୋଗ ହୋଇ ପାରିବ ଏବଂ ଜନସାଧାରଣ କିପରି ତ୍ୱରିତ ସେବା ପାଇ ପାରିବେ ସେଥିପାଇଁ ପ୍ରାଥମିକତା ଦେବାକୁ ସଂଘ ଅନୁରୋଧ କରିଥିଲା । ଡାକ ନିରୀକ୍ଷକଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ ।

## ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ବାଲିଆ ଗ୍ରାମର ୩ଜଣ ବ୍ୟକ୍ତି ଏକ ଠକ ସଂସ୍ଥା ଗଠନ କରି ମହିଳା ମାନଙ୍କ ଠାରୁ ପ୍ରାୟ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି । ସେହି ଗ୍ରାମର ମମତା ରାଉତ , ସୁମିତ୍ରା ସ୍ୱାଇଁ, ବାସନ୍ତୀ ନାୟକ , ମମତା ଗାହାଣ, ନୟନା ସ୍ୱାଇଁ, ଅର୍ଚ୍ଚନା ଗାହାଣ, ରୁବିନା ରାଣୀ ରାଉତ ଓ ମୀନତି ନାୟକ ପ୍ରମୁଖ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଅଭିଯୋଗ ପତ୍ର ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ବସୁପୁର ଗ୍ରାମର ଅକ୍ଷୟ କୁମାର ମଲିକ, ସରୋଜିନୀ ମଲିକ ଓ ଅଶ୍ୱନି ମଲିକ ଏକ ଜାଲ୍ ସଂସ୍ଥା ଗଠନ କରି ଟଙ୍କା ଲଗାଇ ଅଧିକ ଲାଭ ପାଇବା ପାଇଁ ମହିଳା ମାନଙ୍କୁ ପ୍ରଲୋଭିତ କରିଥିଲେ । ଏହି ମହିଳା ମାନେ ପ୍ରାୟ ୧୩ ଲକ୍ଷ ଟଙ୍କା ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଦେବାପରେ ସେମାନେ ଆଉ ଟଙ୍କା ପରିଶୋଧ କରିବାର ନାମ ଧରୁ ନାହାଁନ୍ତି । ଏନେଇ ପୂର୍ବରୁ ମହାକାଳପଡା ଥାନାରେ ଅଭିଯୋଗ କରା ଯାଇଥିଲେ ମଧ ପୋଲିସ ନାମକୁ ମାତ୍ର ୧୯୩/୨୦ରେ ମାମଲା ରୁଜୁ କରି ହାତ ବାନ୍ଧି ବସି ରହିଛି । ଏଣୁ ମହିଳା ମାନେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହିତ ତାଙ୍କର ଟଙ୍କା ଆଦାୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିକଟରେ ଦାବି କରିଛନ୍ତି ।

## ୧୯ ଲିଟର ବିଦେଶୀ ଚୋରା ମଦ ଜବତ, ୩ ଗିରଫ

କେନ୍ଦ୍ରାପଡା, (ପିଏନ)-କୋଭିଡ-୧୯ କଟକଣା ଲାଗୁ ହୋଇଥିବା ବେଳେ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟକୁ ଜୋରଦାର ବଢାଇ ଦେଇଛନ୍ତି । କେତେକ ବ୍ୟବସାୟୀ ଭ୍ରାମ୍ୟମାଣ ମଦ ଦୋକାନ ଖୋଲି ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ସେମାନଙ୍କ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ଏଭଳି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ ଓ ଅବକାରୀ ସୁପରିଟେଣ୍ଡ ବାସନ୍ତୀପ୍ରଭା ନାୟକଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଗୁରୁବାର ଚଢାଉ କରି ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଜବତ କରିଥିବା ଜଣା ପଡିଛି । ଗିରଫ ଆସାମୀ ମାନେ ଚାନ୍ଦୋଳର ଧିରେନ୍ ମଲିକ(୫୨) , ନରିଲୋ ଗାଁର ଗୋକୁଳାନନ୍ଦ ଜେନା(୪୫) ଓ ଗୁଲନଗର ଗ୍ରାମର ଜଳଧର ସେଠୀ (୩୩)ଙ୍କୁ ପିଆର କେସ୍ ନଂ-୭/୨୦,୮/୨୦ ଓ ୯/୨୦ ଆଧାର ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ।

## ଭାଗବତପୁର ପଂଚାୟତରେ ବୃକ୍ଷ ରୋପଣ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତର ସିଙ୍ଗିରୀ ଗ୍ରାମ, ବାଲିଆ ତରାପୁର ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ରେ ବୃକ୍ଷ ରୋପଣ କରାଯାଇ ଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ । ବିଡିଓ ସୁଧିର ସିଂ ସମ୍ମାନିତ ଅତିଥି, ସରପଂଚ ଧରଣୀଧର ବେହେରା, ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁ , ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଆଗାମୀ ଦିନରେ କେନ୍ଦ୍ରାଡା ବ୍ଲକ ଅଧିନ ପ୍ରାୟ ୧୫୦ କିମି ରାସ୍ତା କଡରେ ବୃକ୍ଷ ରୋପଣ କରାଯିବ ବୋଲି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିପକ ସାମନ୍ତରାୟ , ଜିଆରଏସ ଲିପିକା ଅଗ୍ନିହୋତ୍ରୀ ପ୍ରମୁଖ ସୂଚନା ଦେଇଥିଲେ ।

## ଘୁଉଦୟଗିରି ଥାନା ପୋଲିସ ଜବତ କଲା ୫୦ କିଗ୍ରା ଗଞ୍ଜେଇ ଜଣେ ଗିରଫ

### ୨୫୦ ଲିଟର ମଦ ଜବତ ଓ ୨୦୦ ଲିଟର ପୋଚ ନଷ୍ଟ ଜଣେ ଗିରଫ

କନ୍ଧମାଳ,(ପିଏନ)- ଜିଲ୍ଲାରେ ବହୁମାତ୍ରରେ ଚୋରା ଗଞ୍ଜେଇ ଚାଲାଣ ହେବା ସହିତ ଦେଶୀ ମଦର କାରବାର ମଧ୍ୟ ବଢିବାରେ ଲାଗିଛି । ଏହାକୁ ଦୃଢ ଭାବରେ ରୋକିବାପାଇଁ କନ୍ଧମାଳ ଏସପି ଭିତିନ୍ ଅଗ୍ରୱାଲ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପରିଣାମ ସ୍ୱାରୁପ ଆଜି କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଥାନା ପୋଲିସ ଏକ ହୋଣ୍ଡା ସିଟି କାର ଭିତରୁ ୫୦ କିଗ୍ରା ଗଞ୍ଜେଇ ଜବତ କରିବାସହିତ ଜଣେ ଚାଲାଣକାରୀକୁ ଗିରଫ କରିଛି ପୋଲିସ । ଏହି ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବାପରେ ପୋଲିସ ଚଢାଉ କରି ଏହି ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ପୋଲିସ ଏକ ମାମଲା ୭୧/୨୦୨୦ ରୁଜୁ କରି ଜଣେ ଅଭିଯୁକ୍ତ ଫିରିଙ୍ଗିଆ ଅଂଚଳର ନାରାୟଣ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିତିନ୍ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି । ତେବେ ଗିରଫ ଅଭିଯୁକ୍ତ ଜଣକର ନାମ ଏବଂ ଠିକଣା ଜଣାପଡିନାହିଁ । ସେହିପରି ଘୁ.ଉଦୟଗିରି ଥାନା ଅଂଚଳରେ ଆଉ ଏକ ଘଟଣାରେ ଦେଶୀ ମଦ ପୋଚ ନଷ୍ଟ କରିବା ସହିତ ଦଶୀ ବିଦେଶୀ ମଦ ଜବତ କରି ଜଣ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ସୁଚନା ଅନୁସାରେ ଆଜି ପୋଲିସ ଘୁ.ଉଦୟଗିରି ଥାନା ଅଂଚଳରେ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହିତ ସେଠାରେ ୨୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ସେଠାରେ ମଦ ପ୍ରସ୍ତୁତ ପାଇଁ ରହିଥିବା ୨୦୦ ଲିଟର ପୋଚ ମଧ୍ୟ ନଷ୍ଟ କରିଛି ପୋଲିସ । ଏହି ସଂକ୍ରାନ୍ତରେ ଏକ ମାମଲା ୭୦/୨୦୨୦ ରୁଜୁ କରିବା ସହିତ ସେହି ଅଂଚଳର ପଂଚୁ ସାହୁ ନାମକ ଜଣକୁ ଗିରଫ କରି ତାକୁ କୋର୍ଟ ଚାଲାଣ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ସୁଚନା ଦେଇଛନ୍ତି ।

## ମହିଳାଙ୍କ ଘରେ ପଶି ଅସଦାଚାରଣ ଅଭିଯୋଗ

ମାଲକାନଗିରି,(ପିଏନ)--ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଏମଭି୬୧ ଗ୍ରାମରେ ଜଣେ ମହିଳାଙ୍କ ଘରେ ସେହି ଗ୍ରାମର ଜଣେ ଲୋକ ରାତି ଅଧରେ ଅଚାନକ ପ୍ରବେଶ କରିତାଙ୍କୁ ଅସଦାଚାରଣ କରିଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଏମ୍ ଭି ୬୧ ଗ୍ରାମର ରୀନା (ଛଦ୍ମ ନାମ) ନିଜ ଘରେ ଶୋଇଥିବା ବେଳେ ତାଙ୍କ ପଡୋଶୀ ମଦନ ବୈରାଗୀ ଅଧରାତିରେ ରେ ଘରକୁ ପ୍ରବେଶ କରିଥିଲେ । ଏତିକିବେଳେ ନୀଳିମା ଙ୍କ ନିଦ ଭାଙ୍ଗିଯିବାରୁ ସେ ଉଠିପଡି ମଦନ କୁ ପ୍ରତିରୋଧ କଲେ । ଗତକାଲି ଏ ନେଇ ଗ୍ରାମରେ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ମଦନ ର ଏଭଳି କାଣ୍ଡ ଯୋଗୁଁ ଗ୍ରାମବାସୀ ବୈଠକକୁ ବାତିଲ କରିଥିଲେ । ଏହାପରେ ଆଜି ପୀଡିତା ନ୍ୟାୟ ପାଇଁ ଏମଭି ୭୯ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଏମଭି୭୯ ଥାନାରେ କେସ୍ ନଂ ୫୭/୨୦ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏମଭି ୭୯ ଥାନା ଅଧିକାରୀ ଜୋହନ ଖୁଜୁର କହିଛନ୍ତି । ଅନ୍ୟପଟେ ମଦନ ମନ୍ଦ ଉଦ୍ଦେଶ୍ୟ ରଖି ପୀଡିତାଙ୍କ ଘରକୁ ଯାଇଥିବାରୁ ପରିବାର ଲୋକ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday May 30, 2024 | ଭୁବନେଶ୍ୱର ଗୁରୁବାର, ମଇ ୩୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ବିପୁଲିଙ୍ଗି ଠାରେ ନବଦିନ ବ୍ୟାପୀ : ରାମଚରିତ ମାନସ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ସନ୍ଥ ସମାବେଶ

ବ୍ରହ୍ମପୁର, (ପି.ଏନ): ନିକଟସ୍ଥ ବିପୁଲିଙ୍ଗି ଗ୍ରାମରେ ନବଦିନ ବ୍ୟାପୀ କାର୍ଯ୍ୟକ୍ରମ ମହାସମାରୋହରେ ଆରମ୍ଭ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦ ଜଣ ସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସାମାଜିକ ବିଶୃଙ୍ଖଳାକୁ ରୋକିବା ଦିଗରେ ମର୍ଯ୍ୟାଦା ପୁରୁଷୋ□ମ ରାମଚନ୍ଦ୍ରଙ୍କ ଦର୍ଶନ ଓ ତ୍ୟାଗ ଅବିସ୍ମରଣୀୟ ବୋଲି ସାଧୁସନ୍ଥମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ କଞ୍ଚୁରୁ ମଠ ମହନ୍ତ ତଥା ବ୍ରହ୍ମପୁର ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ହରିହର ଦାଶ ଅଧକ୍ଷତା କରିଥିଲେ । ଭାଗବତ ଭାସ୍କର ପଣ୍ଡିତ ଜଗନ୍ନାଥ ପଣ୍ଡା ନବଦିନର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସନ୍ଥପୂଜନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ସନ୍ଥ ମଦନ ଗୋପାଳ ମହାରାଜ, ସନ୍ଥ ରାମକୃଷ୍ଣ ଦାଶ ମହାରଜା, ପରମାନନ୍ଦ ଦାଶ ମହାରାଜ, ରାଧାକାନ୍ତ ଦାଶ ମହାରାଜ, ସୁନ୍ଦର ରାମଦାଶ ମହାରାଜ, ଚିନ୍ମୟ ମିଶନର ପ୍ରଚାରକ ସ୍ୱାମୀ ଓଁକାରନନ୍ଦ ସରସ୍ୱତୀ ପ୍ରମୁଖ ଉପସ୍ଥିତ



ଥିଲେ । ସ୍ୱାମୀ ସଦାନନ୍ଦ ମହାରାଜ (ଜଟଣୀ) ପ୍ରବଚନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉପସ୍ଥିତ ଥିବା ସାଧୁସନ୍ଥମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ପ୍ରାକ୍ତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ପାଞ୍ଚ ଜଣ ବିଶିଷ୍ଟ ଆଧାତ୍ମିକବାଦୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା । ଆଦିକନ୍ଦ ପାଣିଗ୍ରାହୀ (ଛତ୍ରପୁର), ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ (ଛତ୍ରପୁର), ଜି. ରଘୁନାଥ ରେଡ୍ଡୀ (କରାତଳି), ରାମକୃଷ୍ଣ ନାହାକ (ଦୁଆଳପଲ୍ଲୀ) ଏବଂ ସୀମାଞ୍ଚଳ ଆଚାର୍ଯ୍ୟଙ୍କୁ ମରଣୋ□ର ସମ୍ମାନ ତା'ଙ୍କ ପତ୍ନୀ ପ୍ରତିମା ଆଚାର୍ଯ୍ୟ ଗ୍ରହଣ କରିଥିଲେ । ମନୋଜ କୁମାର ପଣ୍ଡା ଓ ସତ୍ୟନାରାୟଣ ଆଚାର୍ଯ୍ୟ, ଶମ୍ଭୁନାଥ ପଣ୍ଡା, ଶ୍ରୀମତୀ ରଞ୍ଜିତା ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁମାରୀ ସ୍ୱପ୍ନାରାଣୀ ଆଚାର୍ଯ୍ୟଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ବେଶ୍ ଚି□ାକର୍ଷକ ଥିଲା । ନବଦିନ ବ୍ୟାପୀ ଚାଲିଥିବା ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ବଡ଼କୋଦଣ୍ଡାର ହାଡ଼ିବନ୍ଧୁ ବିଷୋୟୀଙ୍କ ଦ୍ୱାରା ମା' ବ୍ୟାଘ୍ରଦେବୀ କଣ୍ଢେଇ ଅପେରା ମାଧ୍ୟମରେ ସଂପୂର୍ଣ୍ଣ ରାମାୟଣ ପରିବେଷଣ ହେବ ।

## ସମାଜସେବୀଙ୍କ ଅଭିନବ ପ୍ରୟାସ ପ୍ରଚଣ୍ଡ ରୌଦ୍ରତାପରେ ବୁଲା ଗାଇଗୋରୁଙ୍କୁ ପିଇବା ପାଣି ଯୋଗାଣ ପାଇଁ ଜଳକୁଣ୍ଡ ସ୍ଥାପନ

ପାରଳାଖେମୁଣ୍ଡି,(ପି.ଏନ): ଜଣେ ସମାଜସେବୀପ୍ରଚଣ୍ଡ ରୌଦ୍ରତାପରେ ବୁଲା ଗାଇଗୋରୁଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରିଥିବା ଲକ୍ଷ୍ୟ କରାଯାଇଛି. ଖରାରେ ଗାଇ ଗୋରୁମାନେ ପିଇବା ପାଣି ସୁବିଧାରେ ଯେମିତି ପାଇପାରିବେ ସେଥିପାଇଁ ସେ ବିଭିନ୍ନ ସ୍ଥାନରେ ଜଳ କୁଣ୍ଡ ଗୁଡିକୁ ସ୍ଥାପନ କରିଛନ୍ତି. କଥାରେ ଅଛି ଗ୍ରୀଷ୍ମ ବୈଶାଖ ଜ୍ୟେଷ୍ଠ ମାସ, ପ୍ରଚଣ୍ଡ ରୌଦ୍ର ପରକାଶ । ସୂର୍ଯ୍ୟଙ୍କର ପ୍ରବଳ ଉତ୍ତାପରେ ବର୍ତ୍ତମାନ ନଦୀ ପୋଖରୀ ଶୁଖିଗଲାଣି । ଯେଉଁ ବୁଲା ଗୋରୁ ଗାଈମାନେ ପାଣି ପିଇବା ପାଇଁ ପୋଖରୀ ଗଡିଆ ଉପରେ ନିର୍ଭର କରୁଥିଲେ, ସେମାନେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି । ଯେଉଁଠି ବି ଅଳ୍ପ କିଛି ପାଣି ଅଛି, ତାହା ଦୂଷିତ ହୋଇଯାଇଅଛି ଏବଂ ପିଇବା ଯୋଗ୍ୟ ନୁହେଁ । ଯେଉଁ ବୁଲା ପଶୁପକ୍ଷୀମାନେ ଏହାକୁ ପିଉଛନ୍ତି, ସେମାନେ ବିଭିନ୍ନ ପ୍ରକାରର ରୋଗର ଶିକାର ହେଉଛନ୍ତି ।

## ଓଡିଶାରେ ଏଥର ପ୍ରଥମ କରି ହେବ ଡ଼ବଲ ଇଞ୍ଜିନ ସରକାର- ମୋଦୀ

କେନ୍ଦ୍ରାପଡ଼ା, (ପି.ଏନ): ଓଡ଼ିଶାରେ ଏଥର ପ୍ରଥମ କରି ହେବ ଡ଼ବଲ ଇଞ୍ଜିନ ସରକାର । ଆସନ୍ତା ଜୁନ୍ ୧୦ ତାରିଖରେ ବିଜେପିର ହିଁ ସରକାର ଗଠିତ ହେବ ଏବଂ ଜଣେ ଓଡ଼ିଆ ପୁଅ କିମ୍ବା ଝିଅ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଆଗାମୀ ଛଅ ମାସ ମଧ୍ୟରେ ଓଡ଼ିଶା ସମେତ ସମଗ୍ର ଦେଶରେ ପରିବାରବାଦୀ ଦଳ ଗୁଡ଼ିକର ପତନ ଘଟିବ । ବିକାଶର ରାସ୍ତାରେ ଓଡ଼ିଶା ଆଗକୁ ବଢିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ରାପଡ଼ାର ବାରୁଅରେ ଅନୁଷ୍ଠିତ ଦଳର ଏକ ବିଶାଳ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ଏହି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଜୟ ଜଗନ୍ନାଥ ଓ ଜୟ ଶ୍ରୀରାମ କହି ମୋଦୀ ଉଦ୍‌ବୋଧନ ଦେଇଥିଲେ । ଏହାପରେ ଲୋକମାନଙ୍କ ଦ୍ୱାରା ଅଙ୍କିତ ବିଭିନ୍ନ ଫଟୋଚିତ୍ର ଗୁଡିକୁ ସଂଗ୍ରହ କରିଥିଲେ । ଏହାପରେ କହିଥିଲେ ଓଡ଼ିଶା ଶାସନ ଆଜି ଅଣଓଡ଼ିଆଙ୍କ କବ୍‌ଜାରେ । ରାଜ୍ୟର ସମ୍ପ□ ମଧ୍ୟ କବଳିତ । ଏହାକୁ ମୁକ୍ତ କରି ଓଡ଼ିଶାକୁ ବିକାଶ ରାସ୍ତାରେ ନେବା ପାଇଁ ଓଡ଼ିଶାବାସୀ ୧୦ତାରିଖରେ ବିଜେପିର ସରକାର ଗଠନ ପାଇଁ ନିଷ୍ପ□ ନେଇ ସାରିଛନ୍ତି । ଆପଣମାନଙ୍କ ଆର୍ଶୀବାଦ ନେବାକୁ ଆସିଛି ଓ ୧୦ଜୁନରେ ରାଜ୍ୟରେ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ନିମନ୍ତ୍ରଣ ଦେବାକୁ ଆସିଛି । ଓଡିଶାର ମୁଖ୍ୟମନ୍ତ୍ରୀ ଜଣେ ଓଡିଆ ହେବ ବୋଲି ମୋଦୀ ତାଙ୍କ ଅଭିଭାଷଣରେ କହିଥିଲେ । ବିଜେପିର ସରକାର ଗଠନ ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାରି ଦ୍ୱାର ଖୋଲିଯିବ । ରତ୍ନ ଭଣ୍ଡାର ଖୋଲାଯାଇ ଅଗଣିତ ଭକ୍ତଙ୍କ ନିକଟରେ ମହାପ୍ରଭୁଙ୍କ ରତ୍ନର ହିସାବ ରଖାଯିବ । ପଚିଶ ବର୍ଷ ପରେ ପରିବ□ନ ଓ ଓଡିଶାକୁ ନିଶ୍ଚିତ କରିବା ପାଇଁ ଓଡିଶା ବିଜେପିକୁ ଭୋଟ ଦେଉଛି । ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ ଟଙ୍କା, ମହିଳାଙ୍କ ଶୁଭଦ୍ରା ଯୋଜନା ପାଇଁ ଓଡିଶା ବିଜେପିକୁ ଭୋଟ ଦେଉଛି । ଓଡିଶାର ଚତୁର୍ଦ୍ଦିଗ ବିକାଶ ମୋଦୀର ଗ୍ୟାରେଣ୍ଟି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇପଡ଼ିବା ନେଇ ମୋଦୀ ଚିନ୍ତା ପ୍ରକଟ କରିବା ସହିତ କହିଥିଲେ ଯେ ରାଜ୍ୟରେ ଗଠନ ପରେ ଏକ ସ୍ୱତନ୍ତ୍ର କମିଟି ଗଠନକରାଯାଇ ନବୀନବାବୁ ସ୍ୱାସ୍ଥ୍ୟାବସ୍ଥାର ଯାଂଚ କରାଯିବା ସହିତ ଏହା ପଛରେ ଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରାଯିବ । ଲୋକମାନଙ୍କୁ କହିଥିଲେ ଗ୍ରାମ ଦେବତୀଙ୍କ ନିକଟରେ ପୂଜା କରନ୍ତୁ ଓ ବିକଶିତ ଭାରତପାଇଁ ପୂର୍ବପୁରୁଷଙ୍କ ଠାରୁ ଆର୍ଶୀବାଦ ମାଗନ୍ତୁ । ୪ଦିନ ପରେ ରାଜ୍ୟବାସୀଙ୍କ ଅର୍ଶୀବାଦରେ ଓଡିଶା ଏକ ବିକଶିତ ରାଜ୍ୟରେ ପରିଣତ ହେବ । ଡ଼ବଲ ପଦ୍ମ ଡ଼ବଲ ବିକାଶ ବୋଲି କହି ମୋଦୀ ଦୁଇ ଥର ପଦ୍ମ ଚିହ୍ନରେ ଭୋଟ ଦେବାକୁ କେନ୍ଦ୍ରାପଡ଼ାବାସୀଙ୍କୁ ନିବେଦନ କରିଥିଲେ । ଏହି ଜନସଭାରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ବକ୍ତବ୍ୟ ରଖି କହିଥିଲେ ଯେ କେନ୍ଦ୍ରସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମକୁ ନବୀନ ସରକାର ନିଜ ମୋହରମାରି ନା କରୁଛନ୍ତି । ଲୋକମାନେ ସବୁ ଜାଣିପାରିଛନ୍ତି । ୧ତାରିଖରେ ଏହାର ଜବାବ ଦେବେ । ତେଣୁ ବିଜେପି ସରକାର ଆସିଲେ ସମସ୍ତ ବିକାଶମୁଖି କାର୍ଯ୍ୟ ରାସ୍ତାରେ ଓଡ଼ିଶାକୁ ନେବା ସକାଶେ ଦୁଇ ଥର ପଦ୍ମ ଚିହ୍ନରେ ମୋହର ମାରିବା ପାଇଁ ନିବେଦନ କରିଥିଲେ । ସଭା ମଂଚ ରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସମସ୍ତ ବିଧାନସଭା ପ୍ରାର୍ଥୀ ଉପସ୍ଥିତ ଥିଲେ । ଏକ ରୋଚକ ଦୃଶ୍ୟ ଏହି ମଞ୍ଚରେ ଦେଖିବାକୁ ମିଳିଥିଲା ।

## ସମାଜସେବୀଙ୍କ ଅଭିନବ ପ୍ରୟାସ ପ୍ରଚଣ୍ଡ ରୌଦ୍ରତାପରେ ବୁଲା ଗାଇଗୋରୁଙ୍କୁ ପିଇବା ପାଣି ଯୋଗାଣ ପାଇଁ ଜଳକୁଣ୍ଡ ସ୍ଥାପନ

ପାରଳାଖେମୁଣ୍ଡି,(ପି.ଏନ): ଜଣେ ସମାଜସେବୀପ୍ରଚଣ୍ଡ ରୌଦ୍ରତାପରେ ବୁଲା ଗାଇଗୋରୁଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରିଥିବା ଲକ୍ଷ୍ୟ କରାଯାଇଛି. ଖରାରେ ଗାଇ ଗୋରୁମାନେ ପିଇବା ପାଣି ସୁବିଧାରେ ଯେମିତି ପାଇପାରିବେ ସେଥିପାଇଁ ସେ ବିଭିନ୍ନ ସ୍ଥାନରେ ଜଳ କୁଣ୍ଡ ଗୁଡିକୁ ସ୍ଥାପନ କରିଛନ୍ତି. କଥାରେ ଅଛି ଗ୍ରୀଷ୍ମ ବୈଶାଖ ଜ୍ୟେଷ୍ଠ ମାସ, ପ୍ରଚଣ୍ଡ ରୌଦ୍ର ପରକାଶ । ସୂର୍ଯ୍ୟଙ୍କର ପ୍ରବଳ ଉତ୍ତାପରେ ବର୍ତ୍ତମାନ ନଦୀ ପୋଖରୀ ଶୁଖିଗଲାଣି । ଯେଉଁ ବୁଲା ଗୋରୁ ଗାଈମାନେ ପାଣି ପିଇବା ପାଇଁ ପୋଖରୀ ଗଡିଆ ଉପରେ ନିର୍ଭର କରୁଥିଲେ, ସେମାନେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି । ଯେଉଁଠି ବି ଅଳ୍ପ କିଛି ପାଣି ଅଛି, ତାହା ଦୂଷିତ ହୋଇଯାଇଅଛି ଏବଂ ପିଇବା ଯୋଗ୍ୟ ନୁହେଁ । ଯେଉଁ ବୁଲା ପଶୁପକ୍ଷୀମାନେ ଏହାକୁ ପିଉଛନ୍ତି, ସେମାନେ ବିଭିନ୍ନ ପ୍ରକାରର ରୋଗର ଶିକାର ହେଉଛନ୍ତି । ଏହି ପରିସ୍ଥିତିକୁ ଏଡାଇବା ପାଇଁ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କଞ୍ଚଣା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ରେଡ଼କ୍ରସ କାଉନସିଲର ତଥା ସମାଜସେବୀ ନିରଞ୍ଜନ ବିଶ୍ୱାଳ ବିଦ୍ୟାଳୟର ଜୁନିଅରସ୍ ମାନଙ୍କ ସହାୟତାରେ ଏକ ଅଭିନବ ପ୍ରୟାସ ଅପଣାଇଛନ୍ତି । ବିଜ୍ଞାନ ଶିକ୍ଷକ ନିରଞ୍ଜନ ବିଶ୍ୱାଳ ତାଙ୍କର ନିଜସ୍ୱ ଦରମା ଟଙ୍କାରେ କେତେକ ଜଳକୁଣ୍ଡ କିଣି ଗ୍ରାମର ବିଭିନ୍ନ ସ୍ଥାନରେ ରଖି ପାଣି ଢ଼ାଳି ବୁଲା ଗୋରୁ ଗାଈମାନଙ୍କ ପିଇବା ପାଇଁ ଜଳ ବ୍ୟବସ୍ଥା କରିଛନ୍ତି । ଏହା ଦ୍ୱାରା ବହୁତ ଜୀବଜନ୍ତୁ, ପଶୁପକ୍ଷୀ ମାନେ ଉପକୃତ ହେଉଛନ୍ତି । ରେଡ଼କ୍ରସ କାଉନସିଲର ନିରଞ୍ଜନ ବିଶ୍ୱାଳଙ୍କ ଏହିଭଳି ଉନ୍ନତମୂଳକ କାର୍ଯ୍ୟ ଜନସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଛି । ପୂର୍ବରୁ ସେ ବହୁ ସମାଜମଙ୍ଗଳ କାର୍ଯ୍ୟକରିଛନ୍ତି ।

## ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏନ୍‌ଏଫ୍‌ସି ସାଉଣ୍ଡବକ୍ସର ଶୁଭାରମ୍ଭ ପାଇଁ ମାଷ୍ଟରକାର୍ଡ ସହିତ ସହଯୋଗିତା

ଭୁବନେଶ୍ୱର: ଦେଶର ଅନ୍ୟତମ ସର୍ବବୃହତ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏନ୍‌ଏଫ୍‌ସି ସାଉଣ୍ଡବକ୍ସର ଶୁଭାରମ୍ଭ ପାଇଁ ମାଷ୍ଟରକାର୍ଡ ସହିତ ସହଯୋଗିତା ସ୍ଥାପନ କରାଯାଇଛି । ବ୍ୟବସାୟୀ ସମୁଦାୟ ପାଇଁ ଶିଳ୍ପର ପ୍ରଥମ ନୂତନ ସାଉଣ୍ଡବକ୍ସ ଏକ ଅଲ-ଇନ୍-ଓ୍ୱାନ୍ ସମାଧାନ ଭାବରେ କାର୍ଯ୍ୟ କରିବ ଯାହା ଉପଭୋକ୍ତାଙ୍କୁ ଭାରତ କ୍ୟୁଆର, ୟୁପିଆଇ, ଟ୍ୟାପ୍ ଆଣ୍ଡ ପେ ଏବଂ ଟ୍ୟାପ୍ + ପିନ୍ ଦେୟ ଗ୍ରହଣ କରିବା ସୁବିଧା ପ୍ରଦାନ କରିବ ।ଆକ୍ସିସ୍ ବ୍ୟାଙ୍କ ଭାରତର ପ୍ରଥମ ବ୍ୟାଙ୍କ ହେବ ଯେଉଁଥିରେ ଏକ ସାଉଣ୍ଡବକ୍ସ ପ୍ରଚଳନ କରାଯିବ ଯାହା ଟ୍ୟାପ୍ + ପିନ୍ ଦେୟ ଗ୍ରହଣ କରିପାରିବ ଏହା ବ୍ୟବସାୟୀମାନଙ୍କୁ କାର୍ଡ ଉପକରଣ ମାଧ୍ୟମରେ ୫୦୦୦ ଟଙ୍କାରୁ ଅଧିକ କାରବାର ଗ୍ରହଣ କରିବାକୁ ସକ୍ଷମ କରିବ । ଡିଭାଇସ୍‌ରେ ଏକ ଡୁଆଲ୍ କନଫର୍ମେସନ୍ ଫିଚର୍ ରହିବ ଯାହା ସାତରୁ ଅଧିକ ଭାଷାରେ ସ୍କ୍ରିନ୍‌ରେ ଏହାର ସ୍ପିକର ଏବଂ ଭିଜୁଆଲ୍ ଫିଡ୍ ବ୍ୟାକ୍ ମାଧ୍ୟମରେ ଅଡିଓ ସଙ୍କେତ ପ୍ରଦାନ କରିବ ଯାହା ଉଭୟ ବ୍ୟବସାୟୀ ଏବଂ ଉପଭୋକ୍ତାଙ୍କ ପାଇଁ ଏକ ସୁଗମ ଏବଂ ଆଶ୍ୱସ୍ତିଜନକ କାରବାର ଅନୁଭୂତି ସୁନିଶ୍ଚିତ କରିବ । ନୂତନ ସାଉଣ୍ଡବକ୍ସରେ ୪ଜି + ଓ୍ୱାଇଫାଇ କ୍ଷମତା ରହିବ ଯାହା ଉନ୍ନତ ସଂଯୋଗ ଏବଂ କାରବାରର ନିରବଚ୍ଛିନ୍ନ ପ୍ରକ୍ରିୟାକରଣ ପ୍ରଦାନ କରିବ । ଏହା ତୃତୀୟ-ପକ୍ଷ ଆପ୍ଲିକେସନଗୁଡିକ ସହିତ ମଧ୍ୟ ଗଭୀର ସମନ୍ୱୟକୁ ସମର୍ଥନ କରିବାରେ ସକ୍ଷମ ହେବ । କ୍ଷୁଦ୍ର ବ୍ୟବସାୟୀମାନେ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ । ସହଜ କାରବାର ଅନୁଭୂତି ଲାଗି ଏହା ଏକ ଅଭିନବ ଓ ସୁଲଭ ଉପାୟ । ଭିସା, ରୁପେ ଓ ଆମେରିକାନ୍ ଏକ୍ସପ୍ରେସ୍ ଭଳି ଅଗ୍ରଣୀ ପେମେଂଟ୍ ନେଟ୍‌ୱର୍କରେ ଏହି ନୂଆ ଡିଭାଇସ୍ ଉପଲବ୍ଧ ହେବ ।ଆକ୍ସିସ୍ ବ୍ୟାଙ୍କର ଅଧକ୍ଷ ତଥା କାର୍ଡସ୍ ଆଣ୍ଡ ପେମେଂଟ୍ ସିବ ମୋଘେ କହିଛନ୍ତି ଯେ, 'ବିଭିନ୍ନ ଫର୍ମ ଫ୍ୟାକ୍ଟର ପ୍ରଚଳନ କରି ଏବଂ ବ୍ୟବସାୟୀଙ୍କ ସାମିଲ ହେବା ଯାତ୍ରାକୁ ଡିଜିଟାଇଜ୍ କରି ବ୍ୟାଙ୍କ ସର୍ବଦା ନବସୃଜନ କ୍ଷେତ୍ରରେ ଅଗ୍ରଣୀ ରହିଛି । ଏହି ସମ୍ପ୍ରସାରଣ ସୁନିଶ୍ଚିତ କରିବ ଯେ ଆମର ଦକ୍ଷତା ଷ୍ଟାକ୍ ଏକ ଦ୍ରୁତ ଏବଂ ସୁରକ୍ଷିତ ଦେୟ ଇକୋସିଷ୍ଟମକୁ ପ୍ରାଥମିକତା ଦେଇ ଅତ୍ୟାଧୁନିକ ଦେୟ ସମାଧାନ ପ୍ରଦାନ କରିବ ।

## ଯାଜପୁର ବାସୀଙ୍କପାଇଁ ଡ଼ଃ ରବିନାରାୟଣ ବେହେରାଙ୍କର ନିବେଦନ ବାର୍ତ୍ତା

ଭୁବନେଶ୍ୱର,(ପି.ଏନ): ଯାଜପୁର ଲୋକସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଡ଼ଃ ରବି ନାରାୟଣ ବେହେରା ତାଙ୍କର ଭୋଟଦାତା ମାନଙ୍କ ଉଦ୍ଦେଶ୍ୟରେ ଏକ ଭାବାବେଗ ଭରା ବାର୍ତ୍ତା ଜାରି କରିଛନ୍ତି ଓ ସେ କହିଛନ୍ତି ଯେ, "ଯାଜପୁରର ମୋର ପ୍ରିୟ ପରିବାରଜନଙ୍କୁ ସାଦର ନମସ୍କାର ଜଣାଉଛି । ମୁଁ ଡ଼ଃ ରବି ନାରାୟଣ ବେହେରା ଯାହାକୁ ଆପଣମାନେ ଆଦରରେ ରବି ବା ରବିବାବୁ ବୋଲି ସମ୍ବୋଧନ କରନ୍ତି । ଆଜି ଆପଣମାନଙ୍କର ସମର୍ଥନ, ସମବେଦନା ଓ ଆଶୀର୍ବାଦ କାମନା କରୁଛି ।ମୁଁ ଚଳିତ ନିର୍ବାଚନରେ ଯାଜପୁର ଲୋକସଭା ନିର୍ବାଚନୀ ମଣ୍ଡଳୀ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛି । ମୁଁ କୌଣସି ନେତା କିମ୍ବା ବହୁତ ବଡ଼ ରାଜନୀତିଜ୍ଞ ନୁହେଁ । ଆପଣମାନଙ୍କ ଭଳି ଜଣେ ସାଧାରଣ ମଣିଷ ମାତ୍ର । ଯାଜପୁର ମାଟିର ପୁଅ ମୁଁ । ପୁଣ୍ୟତୋୟା ବୈତରଣୀ,ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ପାଣି ପିଇ ମୁଁ ବଡ଼ ହୋଇଛି ।ମୋର ଘର ରସୁଲପୁରର ବ୍ଲକର ନିପଟ ମଫସଲ ହାଟସାହି ଗ୍ରାମରେ । ପିଲାଦିନ ମୋର ଗାଁର ମାଟି ଓ ଧୂଳିରେ କଟିଛି ।ବର୍ଷା ଦିନେ



କାଦୁଅରେ ପଶି ଏହିଠାରେ ମୁଁ ସ୍କୁଲକୁ ଯାଇ ପାଠ ପଢ଼ିଛି । ଗାଁ ପଡ଼ିଆରେ କେତେ ଖେଳ ଖେଳିଛି । ବାତ୍ୟା ଓ ବନ୍ୟାର କରାଳ ବିଭୀଷିକାକୁ ଅଙ୍ଗେ ଲିଭାଇଛି ।ମା ବିରାଜଙ୍କର ଅଶେଷ କୃପାରୁ ମୋତେ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ମିଳିଥିଲା । ସୌଭାଗ୍ୟ ବଶତଃ ମୁଁ ପ୍ରଥମେ ନୂଆଦିଲ୍ଲୀଠାରେ ଓ ତାପରେ ଭୁବନେଶ୍ୱରରେ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରିଥିଲି । ଆଇଟି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ମୋର ପ୍ରତିଭା ଏବଂ ପାରଦର୍ଶିତା ପାଇଁ ମୁଁ ସରକାର ଓ ସର୍ବସାଧାରଣଙ୍କର ଦ୍ୱାରା ବହୁ ଭାବେ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି । ମୋର ତତ୍ତ୍ୱାବଧାନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶ୍ରୀ ମନ୍ଦିର, ଓଡ଼ିଶାର ରାଜଭବନ, ରାଜ୍ୟ ସଚିବାଳୟ,ଉଚ୍ଚ ନ୍ୟାୟାଳୟ, ଓଡ଼ିଶା ପୁଲିସ, ଉତ୍କଳ ଓ ରମାଦେବୀ ବିଶ୍ୱବିଦ୍ୟାଳୟ ଆଦିରେ ଇଣ୍ଟରନେଟ ସେବା ଉପଲବ୍ଧ କରାଯାଇଥିଲା । ସରକାରୀ ଚାକିରୀ କାଳରେ ଉଚ୍ଚପଦପଦବୀରେ ରହିଥିଲେ ସୁଦ୍ଧା ମୋର ମନ ସଦାସର୍ବଦା ମୋ ଜନ୍ମ ମାଟି ଯାଜପୁର ପାଇଁ କାନ୍ଦୁଥିଲା । ଯାଜପୁର ବାସୀଙ୍କର ସେବା କରିବା ପାଇଁ ୨୦୧୯ ମସିହାରେ ମୁଁ ସ୍ୱେଚ୍ଛାକୃତ ଭାବେ ଚାକିରୀରୁ ଅବସର ଗ୍ରହଣ କରି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲି । ଆଜି ସବୁସ୍ତରରେ ବ୍ୟାପକ ମାତ୍ରାରେ ଦୁର୍ନୀତି ଯାଜପୁରର ବିକାଶ ପାଇଁ ସବୁଠୁ ବଡ଼ ବ୍ୟାଧକ ବନିଛି ।ଏଠାରେ ବେକାରୀ ପରିସ୍ଥିତି ଉତ୍କଟ ଆକାର ଧାରଣ କରିଛି । ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକମାନଙ୍କୁ ସରକାରୀ ଯୋଜନା ଗୁଡ଼ିକର ସୁଫଳରୁ ବଞ୍ଚିତ କରାଯାଉଛି । ମନ୍ଦିର ଗୁଡିକ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଉଛି । ଆବଶ୍ୟକୀୟ ବଜାର ଓ ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ସେମାନଙ୍କର ଫସଲର ଉପଯୁକ୍ତ ମୂଲ୍ୟ ପାଇ ପାରୁନାହାନ୍ତି ।ଏଠାରେ ସ୍ନାତକୋତ୍ତର ଓ କୌଶଳ ଯୁକ୍ତ ଶିକ୍ଷାର ସୁବିଧା ନାହିଁ । ମୁଁ ନିର୍ବାଚିତ ହେଲେ ଏ ସବୁ ସମସ୍ୟାଗୁଡିକ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ପାଇଁ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରିବି ବୋଲି ଆପଣମାନଙ୍କୁ ଭରସା ଦେଉଛି । ଯାଜପୁରର ସର୍ବାଙ୍ଗୀନ ଉନ୍ନତି ଓ ମୋ ଅଞ୍ଚଳବାସୀଙ୍କର ପ୍ରଗତି ପାଇଁ ମୁଁ ପ୍ରତିଜ୍ଞାବଦ୍ଧ । ରତ୍ନଗିରିଠାରେ ବୌଦ୍ଧ କୀର୍ତ୍ତି ଏବଂ ନୌବାଣିଜ୍ୟ ଆଧାରିତ ଐତିହ୍ୟ ଏକ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଏବଂ ଯାଜପୁର ସହର ଓ ମା ବିରଜା କ୍ଷେତ୍ରକୁ ରେଳପଥ ଦ୍ୱାରା ସଂଯୋଗ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ । ଆପଣମାନଙ୍କର ସାହାଯ୍ୟ, ସହଯୋଗ ଓ ସହାନୁଭୂତି ବଳରେ ଯାଜପୁର ପାଇଁ ରହିଥିବା ମୋର ଅସୁମାରୀ ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ ବୋଲି ମୁଁ ସମ୍ପୂର୍ଣ୍ଣ ଆଶାବାଦୀ ଅଛି । ମୋ ଦ୍ୱାରା ପ୍ରସ୍ତୁତ ଯୋଜନା ଗୁଡିକ କାର୍ଯ୍ୟକାରୀ କରି ଯାଜପୁରକୁ ବିକାଶର ଶୀଖର ସ୍ତରରେ ପହଞ୍ଚାଇବା ପାଇଁ ମୋର ଲକ୍ଷ୍ୟ ରହିଛି । ଏ ଦିଗରେ ମୋର ହାତ ମୁଠାକୁ ଟାଣ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି । ଆସନ୍ତା ଜୁନ ୧ତାରିଖ ଦିନ ଆପଣମାନେ ପବିତ୍ର ପଦ୍ମ ଫୁଲ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦାନ କରି ମୋତେ ଜିତାଇ ଦିଲ୍ଲୀ ପଠାଇବା ସାଙ୍ଗକୁ ଆପଣ ମାନଙ୍କର ଅତିପ୍ରିୟ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଗାଦୀରେ ଆସୀନ କରିବାକୁ ମୁଁ ବିନମ୍ର ନିବେଦନ କରୁଛି"

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray